# Odisha Legislative Assembly

(ଦଶମ ଅଧିବେଶନ )

## ୦୧ ଅଗଷ୍ଟ ୨୦୨୨

----

**[ମୁଖ୍ୟ ମନ୍ତ୍ରୀ - ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ - ଇସ୍ପାତ ଓ ଖଣି - ସ୍ୱରାଷ୍ଟ୍ର - ସଂସଦୀୟ ବ୍ୟାପାର - ନିର୍ମାଣ ଅର୍ଥ ].**

**ମୋଟ ପ୍ରଶ୍ନର ସଂଖ୍ୟା - 121**

----

### ହରିଶ୍ଚନ୍ଦ୍ର ଯୋଜନା

**3104 ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:-(କ) ରାଜ୍ୟରେ ହରିଶ୍ଚନ୍ଦ୍ର ଯୋଜନା କାର୍ଯ୍ୟକାରୀ ହେଲା ଦିନଠାରୁ 30.06.2022 ପର୍ଯ୍ୟନ୍ତ ସରକାର ରାଜ୍ୟ ବଜେଟରେ କେତେ ସଂଖ୍ୟକ ଶବ ସତ୍କାର କରିବା ପାଇଁ କେତେ ପାଣ୍ଠିର ବ୍ୟୟ ଅଟକଳ କରିଥିଲେ ଓ କେତେ ପାଣ୍ଠି ଖର୍ଚ୍ଚ କରିଛନ୍ତି ; ଜିଲ୍ଲାୱାରୀ ଓ ଆର୍ଥିକବର୍ଷୱାରୀ ତଥ୍ୟ ଦେବେ କି ; ରାଜ୍ୟର କେଉଁ ଜିଲ୍ଲାରୁ ଜିବୀତ ଲୋକଙ୍କୁ ହରିଶ୍ଚନ୍ଦ୍ର ଯୋଜନାରେ ସାମିଲ କରି ପାଣ୍ଠି ହଡପ କରାଯାଇଥିବା ଅଭିଯୋଗ ସରକାରଙ୍କ ହସ୍ତଗତ ହୋଇଅଛି କି ; ଯଦି ଉତ୍ତର ହଁ ହୁଏ ତେବେ କେତେ ସଂଖ୍ୟକ ହିତାଧିକାରୀଙ୍କ ପାଇଁ କେତେ ପାଣ୍ଠି ହଡପ ହୋଇଅଛି ଜିଲ୍ଲାୱାରୀ ତାର ବିବରଣୀ ଦେବେ କି ; (ଖ) ଲୋଇସିଂହା ନିର୍ବାଚନ ମଣ୍ଡଳୀରେ ହରିଶ୍ଚନ୍ଦ୍ର ଯୋଜନା ଲାଗୁ ହେଲା ଦିନଠାରୁ ଉପକୃତ ହୋଇଥିବା ହିତାଧିକାରୀଙ୍କ ତାଲିକା ଦେବେ କି?

----

### Road Map for Connecting from NH-16 to NH-55

**3220 ଶ୍ରୀ ଶଙ୍କର ଓରାମ୍ (ବୀରମିତ୍ରପୁର):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-Whether there is any proposal for Capital outer ring road connecting to Tangi (NH-16) Khurda to Choudwar (NH-55) of Cuttack have been prepared by NHAI with the State High way of Works Deptt., if so the detail information pertaining to CDP along with Road Map in this regard may be furnished ?

----

## ଉଚ୍ଛେଦ କାର୍ଯ୍ୟରେ ବିଳମ୍ବ

3506 **ଶ୍ରୀ ଦାସରଥୀ ଗମାଙ୍ଗ (ମୋହନା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-U.D. ପ୍ରଶ୍ନ ସଂଖ୍ୟା-1637 dtd.25.11.2019 ରିଖ ଉତ୍ତର ପରିପ୍ରେକ୍ଷୀରେ illegal unauthorised encroaches area AC. 1.639 Decimals କୁ ସମ୍ପୂର୍ଣ୍ଣ ଉଚ୍ଛେଦ ପାଇଁ 2017 ମସିହାଠାରୁ OPP Act ଅନୁଯାୟୀ ମକଦ୍ଦମା ନଂ-୭୨/2017 (L) କରାଯାଇ ମଧ୍ୟ ଏଯାବତ୍ କେଉଁ କାରଣରୁ ଉଚ୍ଛେଦ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁନାହିଁ ତାର ବାସ୍ତବ କାରଣ କଣ, କେବେସୁଦ୍ଧା ଏବଂ କେଉଁ ମାର୍ଗରେ ଉକ୍ତ ଉଚ୍ଛେଦ କାର୍ଯ୍ୟ ସମ୍ପାଦନ କରାଯାଇପାରିବ ସେ ସମ୍ପର୍କିତ ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି ?

----

## ପେଲେଟସ୍ ଉତ୍ପାଦନ ନିମନ୍ତେ ଶିଳ୍ପ ପ୍ରତିଷ୍ଠା

3651 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-ଓଡିଶା ଖଣି ନିଗମ ଲିଃ ଆହାର ଯୋଜନା ବାବଦକୁ ଓ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ଅଦ୍ୟାବଧି କେତେ ଅର୍ଥ ପ୍ରଦାନ କରିଛନ୍ତି ଓଡିଶା ଖଣି ନିଗମ ଖଣି ପ୍ରଭାବିତ ଅଞ୍ଚଳର ଲୋକଙ୍କୁ ରୋଜଗାର ଦେବା ସହ ସ୍ୱାବଲମ୍ବୀ କରିବା ପାଇଁ ପେଲେଟସ୍ ବେନିପିକେସନ୍ ପ୍ଲାଣ୍ଟ ପ୍ରତିଷ୍ଠା କରିବା ପାଇଁ ଆଗ୍ରହ ପ୍ରକାଶ ନକରିବାର କାରଣ କଣ 4 ନିୟୁତ ଟନ୍ ପେଲେଟସ୍ ଉତ୍ପାଦନ ନିମନ୍ତେ ଶିଳ୍ପ ପ୍ରତିଷ୍ଠା ପାଇଁ କେତେ ପୁଞ୍ଜି ଆବଶ୍ୟକ ହେବ ଏବଂ ସମ୍ପୃକ୍ତ ଅର୍ଥ ଓଏମସି ଦେବା ପାଇଁ ସକ୍ଷମ କି ନୁହେଁ ତାହା ପ୍ରକାଶ କରିବେ କି ?

----

## କୁପୋଷଣ, ରକ୍ତହୀନତାରେ ଶିକାର ହୋଇଥିବା ମହିଳାଙ୍କ ସଂଖ୍ୟା

3702 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-ଶିଶୁ ଓ ମହିଳାଙ୍କ ବିକାଶ ନିମନ୍ତେ ବ୍ୟୟବରାଦ ବୃଦ୍ଧି ଘଟୁଥିବା ବେଳେ ରାଜ୍ୟରେ ୨୦୧୫-୧୬ ପରଠାରୁ ଗତ ୫ ବର୍ଷରେ ରକ୍ତହୀନତାରେ ପୀଡ଼ିତ ମହିଳାଙ୍କ ସଂଖ୍ୟା ଆଶାତୀତ ବୃଦ୍ଧି ପାଇଛି କାହିଁକି, ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ (NFHS-5) ଅନୁସାରେ ରାଜ୍ୟର ୧୫ ରୁ ୪୯ ବର୍ଷ ବୟର ୬୪.୩ ପ୍ରତିଶତ ଗର୍ଭବତୀ ମହିଳା, ଗର୍ଭବତୀ ହୋଇ ନ ଥିବା ଗ୍ରାମାଞ୍ଚଳର ୧୫ ରୁ ୧୯ ବର୍ଷ ବୟସର ଯୁବତୀଙ୍କ ମଧ୍ୟରୁ ୬୬.୩ ପ୍ରତିଶତ ଏବଂ ସହରାଞ୍ଚଳର ୬୧.୪ ପ୍ରତିଶତ ରକ୍ତହୀନତାରେ ପୀଡ଼ିତ ଦର୍ଶାଯାଇଥିବା ସଂପର୍କରେ ସରକାରଙ୍କର ମତାମତ କଣ, ରାଜ୍ୟରେ ଗତ ୫ ବର୍ଷରେ କେଉଁ ବର୍ଗର କେତେ ପ୍ରତିଶତ ମହିଳା କୁପୋଷଣ, ରକ୍ତହୀନତାର ଶିକାର ହୋଇଛନ୍ତି ସେ ନେଇ ସରକାର କେଉଁ ଯୋଜନାରେ କେତେ ଖର୍ଚ୍ଚ କରିଛନ୍ତି ତା'ର ଜିଲ୍ଲା ଓ ବର୍ଷୱାରୀ ତଥ୍ୟ ଦେବେ କି ?

----

## ରକ୍ତ ହୀନତା ଓ ଅପପୃଷ୍ଟି ଜନିତ ସ୍ୱାସ୍ଥ୍ୟ ସମସ୍ୟା

3705 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-ଅନୁସୂଚିତ ଜନଜାତି ଅଧ୍ୟୁଷିତ ଜିଲ୍ଲାଗୁଡିକରେ କେତେ ପ୍ରତିଶତ ଶିଶୁ ଜନ୍ମରୁ ୫ ବର୍ଷ ମଧ୍ୟରେ ମୃତ୍ୟୁବରଣ କରୁଛନ୍ତି ଏବଂ ପୁଷ୍ଟିହୀନତା କାରଣରୁ କେତେ ପ୍ରତିଶତ ଶିଶୁ ସ୍ୱାଭାବିକ ଓଜନ ଓ ଉଚ୍ଚତା ଦୃଷ୍ଟିରୁ କମ୍, ସେସବୁ ଜିଲ୍ଲାରେ କେତେ ମହିଳା ରକ୍ତହୀନତା ସମେତ ଅପପୁଷ୍ଟି ଜନିତ ସ୍ୱାସ୍ଥ୍ୟ ସମସ୍ୟାରେ ପୀଡିତ - ଗତ ୫ ବର୍ଷର ଜିଲ୍ଲାୱାରୀ ତଥ୍ୟ ଦେବେ କି ?

----

## ପୁଷ୍ଟି ପୁନଃବାସ କେନ୍ଦ୍ରର ସଂଖ୍ୟା

3739 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-ଜନ୍ମରୁ ୫ ବର୍ଷ ବୟସର ଅତିଶୟ ପୁଷ୍ଟିହୀନ ଶିଶୁ ମାନଙ୍କୁ ଚିକିତ୍ସା କରାଯିବା ନିମନ୍ତେ କେଉଁ କେଉଁ ଜିଲ୍ଲାର କେତେଗୋଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜିଲ୍ଲା ସାସ୍ଥ୍ୟ କେନ୍ଦ୍ରର କେତେଗୋଟି "ପୁଷ୍ଟି ପୁନଃବାସ କେନ୍ଦ୍ର" (Nutritional Rehabilitation Centre) ପ୍ରତିଷ୍ଠା କରାଯାଇଛି ଏବଂ Intensified National Iron Plus Initiative Programme ପ୍ରଚଳନ କରାଯାଉଛି; ସଂପୃକ୍ତ କେନ୍ଦ୍ର ମାନଙ୍କରେ ପ୍ରତିଷ୍ଠା ବର୍ଷରୁ ଚଳିତ ବର୍ଷ ମଧ୍ୟରେ କେତେ ସଂଖ୍ୟକ ଶିଶୁଙ୍କୁ ଚିକିତ୍ସା କରାଯାଇ ପୁଷ୍ଟିହୀନତାର ନିରାକରଣ କରାଯାଇଚି ଓ କେତେ ସଂଖ୍ୟକ ଶିଶୁଙ୍କର ୧୫ ପ୍ରତିଶତ ଓଜନ ବୃଦ୍ଧି ହେବା ପାଇଁ ହାରାହାରି କେତେ ଦିନ କେନ୍ଦ୍ର ରଖୁ ଚିକିତ୍ସା କରାଯାଇଛି ତାର କେନ୍ଦ୍ର ଓ ବର୍ଷରୀ ବିବରଣୀ ପ୍ରଦାନ କରିବେ କି ?

----

## OPSC ଜରିଆରେ Group-A ଓ B ପଦବୀ ପୂରଣ

3776 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ଆର୍ଥିକ ବର୍ଷ 2021-22 ରେ Group-A ଓ Group-B ପଦବୀରେ OPSC ଜରୀଆରେ ସରକାର କେତେ ଜଣଙ୍କୁ ଚାକିରୀ ଦେଇଛନ୍ତି ଓ ଚଳିତ ଆର୍ଥିକ ବର୍ଷ 2022-23 ରେ ସରକାର 26ଟି ବିଭାଗର Group-A ଓ Group-B ରେ କେତେ ନିଯୁକ୍ତି ଦେବା ପାଇଁ ସ୍ଥିର କରିଛନ୍ତି ; UPSC ରେ ଆଉ କେତେ ପଦବୀ ପୂରଣ ପାଇଁ ଲକ୍ଷ୍ୟ ରଖିଛନ୍ତି?

----

## GST ଦ୍ୱାରା ରାଜସ୍ୱ ପ୍ରାପ୍ତ

3777 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ଅର୍ଥ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) 2021-2022 ଆର୍ଥିକ ବର୍ଷ ସୁଦ୍ଧା ରାଜ୍ୟର ଋଣ ଭାର କେତେ ଓ ଚଳିତ ବର୍ଷ କେତେ ଋଣ କରିବା ପାଇଁ ଓ କେତେ ସୁଝିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି ; ଚଳିତ ଆର୍ଥିକ ବର୍ଷରେ ବଜେଟର ମୋଟ ବ୍ୟୟ ବରାଦର ନିଜସ୍ୱ ରାଜସ୍ୱ କେତେ ; ରାଜ୍ୟରେ ମୁଣ୍ଡ ପିଛା ଋଣ ଭାର କେତେ; (ଖ) ରାଜ୍ୟରେ GST ଲାଗୁ ହେବାଠାରୁ କେତେ ରାଜସ୍ୱ ସରକାରଙ୍କୁ ମିଳିଛି ତାହା ଲକ୍ଷ୍ୟ ଧାର୍ଯ୍ୟଠାରୁ କମ ନା ବେଶୀ ; ରାଜ୍ୟର କେଉଁ କେଉଁ ଦ୍ରବ୍ୟ ଉପର GST ଛାଡ ଅଥବା ହ୍ରାସ କରିବା ପାଇଁ GST Council ରେ ପ୍ରସ୍ତାବ ଦିଆଯାଇଛି?

----

## କଣ୍ଟାବାଞ୍ଜି C.H.C ରେ Paediatric ଡାକ୍ତର ନିଯୁକ୍ତି

3778 **ଶ୍ରୀ ସନ୍ତୋଷ ସିଂହ ସାଲୁଜା (କଣ୍ଟାବାଞ୍ଜି):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟରେ କେଉଁ କେଉଁ CHC ରେ Mother & Child ବିଭାଗରେ ପେଡିଆଟ୍ରିକ୍ (Paediatric) ଡାକ୍ତର ଅଛନ୍ତି ଏହାର CHC ର ନାମ ସହ ଗୋଟିଏ ତାଲିକା ଦେବେ କି ; (ଖ) କଣ୍ଟାବାଞ୍ଜି C.H.C ରେ Mother & Child ର ନୂଆ ବିଲଡିଂ ଏବଂ ୱାଡ ତିଆରି ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପେଡିଆଟ୍ରିକ୍ ଡାକ୍ତର ପୋଷ୍ଟିଂ ନକରିବାର କାରଣ କଣ?

----

## ନିର୍ମାଣ ବିଭାଗରେ ଥିବା ରାସ୍ତା

3779 **ଶ୍ରୀ ସନ୍ତୋଷ ସିଂହ ସାଲୁଜା (କଣ୍ଟାବାଞ୍ଜି):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟରେ ପୂର୍ତ୍ତ ବିଭାଗର ଅଧିନରେ ମୋଟ କେତେ କିଲୋମିଟର ରାସ୍ତା ଅଛି ; ଏହାର ଡିଭିଜନୱାରୀ ତାଲିକା ପ୍ରଦାନ କରିବେ କି ; ଏହାର ମେଣ୍ଟନାନସ୍ ପାଇଁ ପ୍ରତି K.M. କେତେ ଟଙ୍କା ଖର୍ଚ୍ଚ ହେଉଛି ; (ଖ) କଣ୍ଟାବାଞ୍ଜି ଆର.ଏଣ୍ଡ ବି. ଡିଭିଜନରେ ଚଳିତ 2022-23 ବଜେଟରେ ସରକାର ଖରାପ ହୋଇଥିବା ରାସ୍ତାର ମେଣ୍ଟନାନସ୍ ପାଇଁ କେତେ ଅର୍ଥ ରଖିଛନ୍ତି ଏହାର ରାସ୍ତାର ନାମୱାରୀ ଗୋଟିଏ ତାଲିକା ପ୍ରଦାନ କରିବେ କି?

----

## ସ୍ୱାସ୍ଥ୍ୟ ଭିତ୍ତିଭୂମୀ ଉନ୍ନୟନ

3780 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକ୍ରମରେ ଧର୍ମଗଡ଼ ସହ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ସହରରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ଉନ୍ନୟନ ପାଇଁ ବିଗତ ତିନି ବର୍ଷରେ କି କି କାର୍ଯ୍ୟକ୍ରମ ସମ୍ପାଦନ କରାଯାଇଛି ?

----

## ଅବସର ପ୍ରାପ୍ତ ଶିକ୍ଷକଙ୍କୁ ପୂର୍ଣ୍ଣାଙ୍ଗ ପେନସନ୍ ପ୍ରଦାନ

3781 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ଅର୍ଥ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଳାହାଣ୍ଡି ଜିଲ୍ଲାର ଅବସର ପ୍ରାପ୍ତ ଶିକ୍ଷକ ଓ କର୍ମଚାରୀଙ୍କ ମଧ୍ୟରୁ କେତେଜଣଙ୍କର ପୂର୍ଣ୍ଣାଙ୍ଗ ପେନସନ ଓ ଅନ୍ୟ ଅବସରକାଳୀନ ପ୍ରାପ୍ୟ ପ୍ରସ୍ତାବ ଲେଖା ନିୟନ୍ତ୍ରକଙ୍କ କାର୍ଯ୍ୟାଳୟରେ ବିଚାରାଧନ ଅଛି, ଏହାର ତୁରନ୍ତ ମଞ୍ଜୁରୀ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## କର୍କଟ ରୋଗର ଉନ୍ନତମାନର ଚିକିତ୍ସା

3782 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ବିଗତ ତିନି ବର୍ଷରେ କେତେ ଲୋକ କର୍କଟ ରୋଗାକ୍ରାନ୍ତ ହୋଇଥିବା ବେଳେ ତନ୍ମଧ୍ୟରୁ କେତେଜଣ ମୃତ୍ୟୁବରଣ କରିଛନ୍ତି, ରାଜ୍ୟରେ କର୍କଟ ରୋଗର ଉନ୍ନତମାନର ଚିକିତ୍ସା ବ୍ୟବସ୍ଥା ପାଇଁ ସରକାର କି ପଦକ୍ଷେପ ନେଉଛନ୍ତି ?

----

## ସେତୁ ପ୍ରକଳ୍ପଗୁଡିକର କାର୍ଯ୍ୟକାରିତା

3783 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଟକ ଜିଲ୍ଲାର କେଉଁ ସେତୁ ପ୍ରକଳ୍ପ ଗୁଡ଼ିକ ସରକାରଙ୍କ ବିଚାରାଧିନ ଅଛି, ଏହାର କାର୍ଯ୍ୟକାରିତା ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## Index Statistic of Mining Mineral

3784 **ଡ଼ଃ ପ୍ରଦୀପ କୁମାର ପାଣିଗ୍ରାହୀ (ଗୋପାଳପୁର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- What is mining mineral index statistics, what Rule 45(MCDR) 1988 and what is status of all state holder position as per compliance report, what is method and technology adopted in each mining by which company and its impact in environment and human health, climate, whether government is aware of green technology in mining sector if so when will it finds on company to explore mining basing green technology ?

----

## Health Index of all Gender

3785 **ଡ଼ଃ ପ୍ରଦୀପ କୁମାର ପାଣିଗ୍ରାହୀ (ଗୋପାଳପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- In details of Health Index of all age group and all gender, and all diseases, what diseases caused by technology and what are reason of health department of suicide of students in

recent past in Odisha?

----

## ବିଭାଗର ଉନ୍ନତିମୂଳକ କାର୍ଯ୍ୟ

3786 **ଶ୍ରୀ ମନୋହର ରନଧାରୀ (ଡାବୁଗାଁ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଏହି ବିଭାଗ ଦ୍ୱାରା କି କି ଉନ୍ନତିମୂଳକ କାର୍ଯ୍ୟ କରାଯାଉଅଛି ଏବଂ କେଉଁମାନଙ୍କୁ କର୍ମନିଯୁକ୍ତି ଦିଆଯାଇଅଛି ତାହାର ତାଲିକା ଖଣିୱାରୀ ପ୍ରଦାନ କରିବା ସହ ନୂତନ କେଉଁ କେଉଁ ସ୍ଥାନରେ Steel and Mines କରିବା ପାଇଁ ରହିଅଛି ତାହାର ତାଲିକା ପ୍ରଦାନ କରିବେ କି ?

----

## ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରିବାକୁ ପଦକ୍ଷେପ

3788 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଫେଲ ମାରିଛି କି, ଅନେକ ଡାକ୍ତରଖାନାରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ଗ୍ରହଣ ନକରିବା କଥା ସତ୍ୟ କି, ରାଜ୍ୟ ସରକାର କେନ୍ଦ୍ରର ଆୟୁଷ୍ମାନ ଭାରତ ଯୋଜନାକୁ ଲାଗୁ କରିବାକୁ ପଛେଇବାର କାରଣ କଣ?

----

## କିଡନୀ ରୋଗ ନିରାକରଣ ପାଇଁ ପଦକ୍ଷେପ

3789 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର ଆଦିବାସୀ ବହୁଳ ତଥା ପାହାଡିଆ ଅଂଚଳଗୁଡିକରେ କିଡନୀ ସଂପର୍କିତ ରୋଗ ବୃଦ୍ଧି ପାଉଥିବା ସତ୍ୟ କି, ସରକାର ଏଥିପାଇଁ କଣ ପଦକ୍ଷେପ ନେଉଛନ୍ତି ଜଣାଇବେକି?

----

## ମଧ୍ୟସ୍ଥି ଜରିଆରେ କେଶ୍ ସମସ୍ୟାର ସମାଧାନ

3790 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଆଇନ ଶୃଙ୍ଖଳା ସମ୍ପର୍କିତ ମାଲିମକଦ୍ଦମା ପୁଲିସ ପକ୍ଷରୁ ହୋଇ କୋର୍ଟ କଚେରୀରେ ସେସବୁ ବିଚାରଧିନ ପଡ଼ି ରହିଛି, ପୋଲିସ ପକ୍ଷରୁ କୋର୍ଟ କଚେରୀକୁ ସବୁ କେସ ନ ନେଇ ମଧ୍ୟସ୍ଥି ଜରିଆରେ ବା ତୁରନ୍ତ ଜୋରିମାନା ଭଳି ଦଣ୍ଡ ଦେଇ କେସ ଗୁଡ଼ିକୁ ତୁଟାଇବା ପାଇଁ କୌଣସି ବ୍ୟବସ୍ଥା ସରକାରଙ୍କଠାରେ ଅଛି କି; ଯଦି ଉତ୍ତର 'ହଁ' ହୁଏ ସେ କ୍ଷେତ୍ରରେ କଣ କରାଯାଉଛି ?

----

## ଜନସଂଖ୍ୟା ନିୟନ୍ତ୍ରଣ

3791 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ନିକଟରେ ପ୍ରକାଶିତ ଖବର ଅନୁସାରେ ଭାରତ ଆସନ୍ତା ବର୍ଷ ଚୀନକୁ ଟପି ପୃଥିବୀର ସବୁଠାରୁ ଜନବହୁଳ ରାଷ୍ଟ୍ରରେ ପରିଣତ ହେବାକୁ ଯାଉଥିବାରୁ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ପରାମର୍ଶ କରି କୌଣସି ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ କରିବେ କି; ଉତ୍ତର ହଁ ହୋଇଥିଲେ ଏ ସମ୍ପର୍କରେ ବିଶେଷ ତଥ୍ୟ ଦେବା ସହ ଜନ୍ମହାର ହ୍ରାସ ସକାଶେ ଓଡ଼ିଶା ସରକାର କି ପଦକ୍ଷେପ ନେଉଛନ୍ତି ?

----

## କେନ୍ଦୁଝରଠାରେ ନିର୍ମାଣଧୀନ ଥିବା ମେଡ଼ିକାଲ College

3792 **ଶ୍ରୀମତୀ ମୀନାକ୍ଷୀ ମହାନ୍ତ (ଚମ୍ପୁଆ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କେନ୍ଦୁଝରଠାରେ ନିର୍ମାଣ ହେଉଥିବା ମେଡ଼ିକାଲ କଲେଜ ( DMF ଓ Tata Project Construction Company ଅନୁମୋଦିତ ହୋଇ ତିଆରି ହେଉଥିବା ) ଟି କେଉଁ ଶିକ୍ଷା ବର୍ଷଠାରୁ କାର୍ଯ୍ୟକାରୀ ହୋଇ ଶିକ୍ଷା ଦାନ, ନିଯୁକ୍ତି ଓ ରୋଗୀସେବା କାର୍ଯ୍ୟ ଆରମ୍ଭ ହେବ ଜଣାଇବେ କି; ଯଦି ହଁ ଚଳିତ ଆର୍ଥିକ ବର୍ଷ 2021 -22 ଶିକ୍ଷା ବର୍ଷରେ ଛାତ୍ର ଛାତ୍ରୀ ଆଡ଼ମିଶନ ଏବଂ ରୋଗୀ ସେବା ଆରମ୍ଭ ହେବ ଅବଗତ କରିବେ କି ?

----

## କେନ୍ଦ୍ର ଅନୁଦାନ ସ୍କିମରେ ଔଷଧ ଯୋଗାଣ

3793 **ଶ୍ରୀମତୀ ମୀନାକ୍ଷୀ ମହାନ୍ତ (ଚମ୍ପୁଆ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କେନ୍ଦ୍ର ଅନୁଦାନ ସ୍କିମରେ ଆୟୁର୍ବେଦିକ, ହୋମିଓପ୍ୟାଥିକ ଔଷଧ ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟରେ ପ୍ରତିବର୍ଷ ଯୋଗାଇ ଦେବାର ସୁ-ବନ୍ଦୋବସ୍ତ ଅଛି କି; ଯଦି ଅଛି ତା ହେଲେ କେତେ ପରିମାଣରେ ଅଛି କେନ୍ଦ୍ରର ଅନୁଦାନ, ସରକାର ଜଣାଇବେ କି ?

----

## Deposit Money ବିନିଯୋଗ କରିବା

3794 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ନିର୍ମାଣ ବିଭାଗ ପାଖରେ ବିଗତ ୩ ବର୍ଷ ଭିତରେ ବିଭିନ୍ନ ବିଭାଗର Deposit Money କେଉଁ ବିଭାଗର କେତେ ଓ ସେ ଭିତରୁ କେତେ ଖର୍ଚ୍ଚ ହୋଇଅଛି, ଉଚ୍ଚଶିକ୍ଷା ବିଭାଗରୁ ପାଇଥିବା ଅର୍ଥ ସମ୍ପୂର୍ଣ୍ଣ ବିନିଯୋଗ ହୋଇ ପାରିନଥିବା କାରଣ କ'ଣ ?

----

## ଡ଼ାକ୍ତର ପାସ ଛାତ୍ର ଓ ଛାତ୍ରୀଙ୍କୁ ଡ଼ାକ୍ତର ନିଯୁକ୍ତି

3795 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ବିଗତ ୩ ବର୍ଷ ଭିତରେ କେତେଜଣ Doctor ରାଜ୍ୟର Medical College ରୁ Pass ହୋଇ ବାହାରିଛନ୍ତି, ସେମାନଙ୍କ ଭିତରୁ କେତେଜଣ Doctor ନିଯୁକ୍ତି ପାଇଛନ୍ତି; (ଖ) ରାଜ୍ୟରୁ Pass କରିଥିବା Doctor ମାନେ ସରକାରଙ୍କ ସହିତ ଚୁକ୍ତି ଅନୁସାରେ ରାଜ୍ୟରେ 5 ବର୍ଷ ସେବା ବାଧ୍ୟତାମୂଳକ କେତେଦୂର କାର୍ଯ୍ୟକାରୀ ହେଉଅଛି, ଜଣେଇବେ କି ?

----

## ବନମାଳିପୁର ଫାଣ୍ଡିକୁ ଥାନାରେ ପରିଣତ

3796 **ଶ୍ରୀ ଅରବିନ୍ଦ ଢାଲୀ (ଜୟଦେବ):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ କେଉଁ ଜିଲ୍ଲାରେ କେତେ ପୋଲିସ ଫାଣ୍ଡି ଅଛି, ଯେଉଁଗୁଡ଼ିକ ଥାନା ହେବା ପାଇଁ ସମସ୍ତ ପ୍ରକାର ଆବଶ୍ୟକ ବ୍ୟବସ୍ଥା ଅଛି ଏହିଗୁଡ଼ିକ ଥାନା ଘୋଷଣା କରିବା ପାଇଁ ପଦକ୍ଷେପ ନେବେ କି; ଉଦାହରଣ ସ୍ୱରୂପଃ- ବନମାଳୀପୁର ଫାଣ୍ଡିକୁ ଥାନାରେ ପରିଣତ କରିବେ କି ?

----

## ମାଲକାନଗିରି ଜିଲ୍ଲାରେ ମେଡ଼ିକାଲ କଲେଜ ଖୋଲିବା

3797 **ଶ୍ରୀ ଅରବିନ୍ଦ ଢାଲୀ (ଜୟଦେବ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ମାଲକାନଗିରି ଜିଲ୍ଲାରେ Medical College ଖୋଲିବା ପାଇଁ ସରକାର ପଦକ୍ଷେପ ନେବେ କି; କାରଣ ଏହା ଏକ ଆଦିବାସୀ ବହୁଳ ଜନସଂଖ୍ୟା ଥିବା ହେତୁ ସ୍ୱାସ୍ଥ୍ୟ ସୁବିଧା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ?

----

## ଘରଭଡ଼ା ରହୁଥିବା ବ୍ୟକ୍ତିମାନେ ଥାନାରେ ପରିଚୟ ପତ୍ରଦେବା

3798 **ଶ୍ରୀ ସୁଧୀର କୁମାର ସାମଲ (ଢେଙ୍କାନାଳ):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ଅଜଣା ବ୍ୟକ୍ତିଙ୍କ ଦ୍ୱାରା ଅପରାଧ ବୃଦ୍ଧି ପରିପ୍ରେକ୍ଷୀରେ ପ୍ରତ୍ୟେକ ଥାନା ଅଞ୍ଚଳରେ ଘରଭଡ଼ା ନେଇ ରହୁଥିବା ବ୍ୟକ୍ତିଙ୍କ ପରିଚୟ ପତ୍ର ଥାନାରେ ଦାଖଲ କରିବା ବାଧ୍ୟତାମୂଳକ କରିବାକୁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ, ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ସ୍ୱାସ୍ଥ୍ୟ ଭିତ୍ତିଭୂମୀ ଉନ୍ନୟନ

3799 **ଶ୍ରୀ ସୁଧୀର କୁମାର ସାମଲ (ଢେଙ୍କାନାଳ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଢ଼େଙ୍କାନାଳ ଜିଲ୍ଲାରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ଉନ୍ନୟନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ପାରିତ ହୋଇଥିବା ପୋଲିସ୍ bill

3800 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- (କ) ଦେଶରେ ପ୍ରଚଳିତ ପୁରୁଣାକାଳିଆ ପୋଲିସ୍ ଆଇନ Indian Police Act.1861 ଏବେ ବି ବଳବତ୍ତର ରହିଛି କି, ଏହାକୁ ଅଧିକ କ୍ରିୟାଶୀଳ, ଲୋକାଭିମୁଖି ସମୟାନୁବର୍ତ୍ତି ତଥା ଯୁଗପଯୋଗୀ କରିବାକୁ ମାନ୍ୟବର Supreme Court 27.09.2006 ରେ Writ Petition No.310/96 କୁ ବିଚାର କରି ସଂଶୋଧନୀ ଆଣିବାକୁ ସବୁ ରାଜ୍ୟମାନଙ୍କୁ ପରାମର୍ଶ ଦେଇଥିଲେ କି, (ଖ) ଏହି ଆଧାରରେ ରାଜ୍ୟ ସରକାର The Odisha Police Bill-2013 ନାମରେ ଏକ ବିଧେୟକ ଗତ 26.04.2013 ରେ ଆଣିଥିଲେ କି, ତାହା ଗୃହର ଅନୁମୋଦନ ଲାଭ କରିଥିଲା କି, ସେହି ଅନୁମୋଦିତ ବିଧେୟକ ଗଲା କୁଆଡେ, ରାଜ୍ୟ ସରକାରଙ୍କର ଏ ସଂକ୍ରାନ୍ତରେ ବହୁଳ ପ୍ରଚାର ଏକ ଧୁଆଁବାଣ ଥିଲା କି ?

----

## ମାଗଣା ଚିକିତ୍ସା ଓ ମାଗଣା ଔଷଧ ଯୋଗାଣ ସମ୍ପର୍କରେ

3801 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ଆୟୁର୍ବେଦ ଚିକିତ୍ସା ସରକାରଙ୍କ ସ୍ୱାସ୍ଥ୍ୟ ତଥା ଚିକିତ୍ସା ବ୍ୟବସ୍ଥାର ଏକ ଅଂଶ କି; ଯଦି ଉତ୍ତର ହଁ ହୋଇଥାଏ, ତେବେ ମାଗଣା ଚିକିତ୍ସା ଓ ମାଗଣା ଔଷଧ ଯୋଗାଣ ଆୟୁର୍ବେଦିକ ବ୍ୟବସ୍ଥାରେ ନଥିବାର କାରଣ କଣ ; ଏଥିପାଇଁ ରୋଗୀମାନେ ୟୁଜର୍ସ ଫି ଦେବା ସହିତ ବିଭିନ୍ନ ପ୍ରକାର ତୈଳ, ଆୟୁର୍ବେଦ ସାମଗ୍ରୀ ଏବଂ ଉପକରଣ କିଣୁଛନ୍ତି କି; ଅନ୍ତେବାସୀ ରୋଗୀଙ୍କ ପାଇଁ ସର୍ବନିମ୍ନ ସୁବିଧା ଅଛି କି; ବେଡ଼ ପାଇଁ ଦେବାକୁ ପଡୁଛି କି ; (ଖ) ମାଗଣା ଚିକିତ୍ସା ସୁବିଧା ଆୟୁର୍ବେଦ ଚିକିତ୍ସାରେ ପ୍ରାପ୍ତ ପାଇଁ ସରକାର ଘୋଷଣା କରିବେ କି ?

----

## ସବ୍ ଜେଲ ପ୍ରତିଷ୍ଠା

3802 **ଶ୍ରୀ ଅମର ପ୍ରସାଦ ସତପଥୀ (ବଡ଼ଚଣା):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- (କ) ଯାଜପୁର ଜିଲ୍ଲାରେ ଚଣ୍ଡିଖୋଲଠାରେ ଏକାଧିକ ନ୍ୟାୟାଳୟ କାର୍ଯ୍ୟ କରୁଥିବା ଏପରିକି ଅତିରିକ୍ତ ଦୌରାଜଜ୍ କୋର୍ଟ ପାଇଁ ମଞ୍ଜୁରୀ ମିଳିଥିବାରୁ ଏଠାରେ ଏକ ସବ୍ ଜେଲ ପ୍ରତିଷ୍ଠା ପାଇଁ ସରକାର ପଦକ୍ଷେପ ନେବେ କି; (ଖ) ଚଣ୍ଡିଖୋଲ ସବ୍ ଜେଲ ପ୍ରତିଷ୍ଠା ପାଇଁ ସର୍ବେକ୍ଷଣ ହୋଇଥିବାରୁ ଚଳିତ ବର୍ଷ ଏହା କାର୍ଯ୍ୟକ୍ଷମ ହେବ କି ?

----

## ଡ଼ାକ୍ତର ଏବଂ ସ୍ୱାସ୍ଥ୍ୟ ସହାୟକ ନିଯୁକ୍ତି

3803 **ଶ୍ରୀ ଅମର ପ୍ରସାଦ ସତପଥୀ (ବଡ଼ଚଣା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟରେ କେତେ ସଂଖ୍ୟକ ଦୁର୍ଘଟଣା ସହାୟକ କେନ୍ଦ୍ର ଅଛି; (ଖ) ଯାଜପୁର ଜିଲ୍ଲାର ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଚଣ୍ଡିଖୋଲଠାରେ ଥିବା ଦୁର୍ଘଟଣା ସହାୟକ କେନ୍ଦ୍ରର ଆବଶ୍ୟକୀୟ ଭିତ୍ତିଭୂମିର ନିର୍ମାଣ ପାଇଁ ଆର୍ଥିକ ଅନୁଦାନ ପ୍ରଦାନ ସଙ୍ଗେ ସଙ୍ଗେ ସ୍ଥାୟୀ ଡ଼ାକ୍ତର ଓ ସ୍ୱାସ୍ଥ୍ୟ ସହାୟକ ନିଯୁକ୍ତି ପାଇଁ ପଦକ୍ଷେପ ନେବେ କି ?

----

## Supply of Iron Ore

3804 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- How Govt. is planning to ensure supply of Iron Ore to local industries at reasonable prices as OMC auctions has been failing due to high base price ?

----

## OMC Auction

3805 **Shri. Sarada Prasad Nayak (Rourkela):**

Will the Minister for **Steel and Mines** be pleased to state that:-:- Is Govt. of Odisha aware that Operative Iron, Ore Mines Owner/Captive Mines Owners are allowed to participate in OMC auctions, does it not vaccinate the price discovery mechanism for deciding fair market price ?

----

## ପୂର୍ତ୍ତ ବିଭାଗର ସ୍ୱଚ୍ଛତା ଓ 5T ନୀତି

3806 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-
ରାଜ୍ୟ ସରକାର '୫ ଟି' ନୀତି ଅବଲମ୍ବନ କଲା ପରେ ପୂର୍ତ୍ତ ବିଭାଗରେ ଦୁର୍ନୀତିର ସ୍ତର ସଂପୂର୍ଣ୍ଣ ରୂପେ ବନ୍ଦ ହୋଇଛି କି; ସେ ସଂକ୍ରାନ୍ତରେ ଆକଳନ କରାଯାଇଛି କି, ଯଦି ଉତ୍ତର ହଁ, ତେବେ ସେହି ଆକଳନ ସଂପର୍କରେ ବିବରଣୀ ପ୍ରଦାନ କରିବେ କି, ଯଦି ନା, ତେବେ ପୂର୍ତ୍ତ ବିଭାଗରେ ଦୁର୍ନୀତି ସ୍ତର ଆକଳନ କ'ଣ ବିଭାଗୀୟ ସ୍ୱଚ୍ଛତା, '୫ ଟି' ବିଶେଷ କରି ଲୋକସେବାର ପରିମାପକ ନୁହେଁ କି, ଗତ ୫ ବର୍ଷ ଭିତରେ ବିଭାଗୀୟ କେତେ ଯନ୍ତ୍ରୀ, ଅଧିକାରୀ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଧରା ପଡ଼ିଛନ୍ତି, କେତେ ଜଣଙ୍କୁ ବହିଷ୍କାର କରାଯାଇଛି, କେତେ ସମ୍ପତ୍ତି ଓ ଅର୍ଥ ଜବତ ହୋଇଛି କେତେ ଜଣଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଉଛି, କେତୋଟି ମାମଲା ଦାଏର ହୋଇଛି ଏବଂ ଦୁର୍ନୀତି ବିରୋଧରେ କି କି ପଦକ୍ଷେପ ନିଆଯାଇଛି ?

----

## ପରିଚୟ ପତ୍ର ପ୍ରଦାନ

3807 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଅନୁପ୍ରବେଶ ଓ ଅଜ୍ଞାତ ବ୍ୟକ୍ତିଙ୍କ ଦ୍ୱାରା ଅପରାଧକ କାର୍ଯ୍ୟକଳାପ ରୋକିବାକୁ ସରକାର କି କି ପଦକ୍ଷେପ ଗ୍ରହଣ କରିଛନ୍ତି, ପ୍ରତ୍ୟେକ ଥାନା ଅଂଚଳରେ ଘରଭଡା ନେଇ ରହୁଥିବା ବ୍ୟକ୍ତି, ବ୍ୟବସାୟିକ ପ୍ରତିଷ୍ଠାନ କରୁଥିବା ଓ ହୋଟେଲ ଅତିଥିଶାଳାରେ ରହୁଥିବା ବ୍ୟକ୍ତିଙ୍କ ପରିଚୟ ପତ୍ର ଥାନାରେ ପ୍ରଦାନ କରିବା ନିମନ୍ତେ କେବେ କି କି ନିର୍ଦ୍ଦେଶନାମା ଜାରି କରାଯାଇଛି, ସଂପୃକ୍ତ ନିର୍ଦ୍ଦେଶନାମା କୁ ଅନୁପାଳନ କରାଯାଉଛି କି ?

----

## ଖାଲି ପଦବୀ ପୂରଣ

3808 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- (କ) ଆଇନ ଶୃଙ୍ଖଳାର ସୁପରିଚାଳନା ପାଇଁ ରାଜ୍ୟରେ କେତେ ସଂଖ୍ୟକ ମଞ୍ଜୁରୀପ୍ରାପ୍ତ DSP / Add SP ଓ SP ପଦବୀ ମଧ୍ୟରୁ ୩୦.୦୬.୨୦୨୨ ସୁଦ୍ଧା କେତେ ସଂଖ୍ୟକ ପଦବୀ ଖାଲି ଅଛି, Addl. SP ଓ SP ପଦବୀ ପୂରଣ ପାଇଁ OPSC ଦ୍ୱାରା ସିଧାସଳଖ Selected DSP ପ୍ରାର୍ଥୀ, UPSC ଦ୍ୱାରା ସିଧାସଳଖ ନିଯୁକ୍ତିପ୍ରାପ୍ତ IPS ପ୍ରାର୍ଥୀ, ଏବଂ ପଦୋନ୍ନତି ଭିତ୍ତିରେ ଆସିଥିବା DSP ପ୍ରାର୍ଥୀଙ୍କ ପାଇଁ କେତେ ପଦବୀ ସଂରକ୍ଷିତ ଅଛି, ପଦୋନ୍ନତି ଭିତିରେ Addl. SP ଓ SP ପଦରେ ଖାଲିଥିବା ପଦବୀ ପୂରଣ ନ କରିବାର କାରଣ ସହ କେବେ ସୁଦ୍ଧା ସରକାର ପଦୋନ୍ନତିର ବ୍ୟବସ୍ଥା କରି ଖାଲିଥିବା ପଦବୀ ପୂରଣ କରିବେ, (ଖ) Gradation list ପ୍ରସ୍ତୁତିକୁ ନେଇ OPS Cadre ରେ କୁହୁଳୁଥିବା ଅସନ୍ତୋଷକୁ ଏଡେଇବାକୁ OPSC ଓ GA & PG Department ସହ ଗୃହ ବିଭାଗ ବିଚାର ବିମର୍ଶ କରି ଖାଲିଥିବା Addl. SP ଓ SP ପଦବୀକୁ ପଦୋନ୍ନତି ଦେବାପାଇଁ ଏହି ପରାମର୍ଶକୁ ଗହଣ କରି ସରକାର ପଦକ୍ଷେପ ନେବେ କି ?

----

## କର୍ପସ ପାଣ୍ଠିରୁ ଜମାକାରୀଙ୍କୁ ଅର୍ଥ ପ୍ରଦାନ

3809 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଅର୍ଥ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚିଟ୍ ଫଣ୍ଡ କେଳେଙ୍କାରୀରେ କେତେ ଜମାକାରୀଙ୍କ କେତେ ଅର୍ଥ, କେତେ କମ୍ପାନୀମାନଙ୍କ ନିକଟରେ ବନ୍ଧା ରହିଥିବା ବିଭିନ୍ନ ସୂତ୍ରରୁ ଦାବି (claim) ହୋଇଛି, ସେମାନଙ୍କ ମଧ୍ୟରୁ କେତେଜଣକ୍ଷୁଦ୍ର ଓ ମଧ୍ୟମ ଜମାକାରୀ ଅଛନ୍ତି, ସେଥିମଧ୍ୟରୁ କେତେ ଜମା ଅର୍ଥ କେତେ ଜମାକାରୀଙ୍କୁ ଦିଆଯାଇଛି ଏହାର ଏକ ସଦ୍ୟତମ ରିପୋର୍ଟ ଦେବେ କି, କେଉଁ କାରଣଗୁଡ଼ିକ ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଜମା ଅର୍ଥ ଦେବାରେ ପ୍ରତିବନ୍ଧକ ସୃଷ୍ଟି ହେଉଛି, ସେଥିପାଇଁ କେଉଁ ଅଧିକାରୀ ବା ସଂସ୍ଥା ଦାୟୀ ଏବଂ ସମସ୍ତ କ୍ଷୁଦ୍ର ଓ ମଧ୍ୟମ ଜମାକାରୀଙ୍କୁ ସେମାନଙ୍କର ଜମା ଅର୍ଥ ପ୍ରଦାନ ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ସରକାର ଦେଇପାରିବେ କି ନାହିଁ ତା'ର ବିବରଣୀ ଦେବେ କି, କମିସନଙ୍କ ସୁପାରିସ ଅନୁସାରେ ସରକାର କର୍ପସ ପାଣ୍ଠିରୁ ଜମାକାରୀମାନଙ୍କୁ ଅର୍ଥ ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି କି ?

----

## ନିଯୁକ୍ତି ନିମନ୍ତେ ପ୍ରାର୍ଥୀ ଚୟନ ପାଇଁ ଅନୁରୋଧ

3810 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ୨୦୦୯-୧୦ ରୁ ୨୦୨୧-୨୨ ବର୍ଷ ମଧ୍ୟରେ ଓଡ଼ିଶା ଲୋକସେବା ଆୟୋଗ, ଓଡିଶା ଅଧସ୍ତନ କର୍ମଚାରୀ ଆୟୋଗ କେଉଁ କେଉଁ ବିଭାଗରୁ କେତେ ପଦବୀରେ ନିଯୁକ୍ତି ନିମନ୍ତେ ପ୍ରାର୍ଥୀ ଚୟନ କରିବା ପାଇଁ ଅନୁରୋଧ ପତ୍ର ପାଇଥିଲେ, କେଉଁ ବିଭାଗ ନିମନ୍ତେ କେତେ ପଦବୀ ନିମନ୍ତେ କେତେ ପଦବୀ ନିମନ୍ତେ ଯୋଗ୍ୟ ପ୍ରାର୍ଥୀ ନପାଇବା କାରଣରୁ କିମ୍ବା ଅନ୍ୟ କେଉଁ କେଉଁ କାରଣରୁ ଅନୁରୋଧ ଅନୁଯାୟୀ ଆବଶ୍ୟକ ସଂଖ୍ୟକ ପ୍ରାର୍ଥୀ ଚୟନ କରି ପାରିନଥିଲେ ତାର ବିବରଣୀ ବର୍ଷୱାରୀ ପ୍ରଦାନ କରିବେ କି, କେଉଁ ବିଭାଗର କେତେ ତାରିଖରେ ଅନୁରୋଧ ପତ୍ର ଆଧାରରେ ପ୍ରାର୍ଥୀ ଚୟନ ପ୍ରକ୍ରିୟା କେବେ ଆରମ୍ଭ କରାଯାଇ କେବେ ସମାପନ ହୋଇଥିଲା ତାର ଏକ ବିବରଣୀ ପ୍ରଦାନ କରିବେ କି, କେଉଁ କେଉଁ କାରଣରୁ ପ୍ରାର୍ଥୀ ଚୟନ ପରୀକ୍ଷା ଓ ଅନ୍ୟାନ୍ୟ କେଉଁ ପ୍ରକ୍ରିୟାରେ ବିଳମ୍ବ ହେଉଅଛି, ବିଳମ୍ବିତ ପ୍ରକ୍ରିୟାକୁ ହ୍ରାସ କରିବା ପାଇଁ ସରକାରଙ୍କ ସ୍ୱତନ୍ତ୍ର ପଦକ୍ଷେପ ସମ୍ପର୍କରେ ଅବଗତ କରିବେ କି ?

----

## ନିଯୁକ୍ତି ପାଇଥିବା କର୍ମଚାରୀଙ୍କ ସଂଖ୍ୟା

3811 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ୨୦୧୩-୧୪ ବର୍ଷରୁ ଚଳିତ ବର୍ଷ ମଧ୍ୟରେ କେଉଁ କେଉଁ ବର୍ଷ କି କି ସ୍ୱତନ୍ତ୍ର ଉତ୍ସବ ଆୟୋଜନ କରି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କେଉଁ ବିଭାଗର କେତେ ସଂଖ୍ୟକ କର୍ମଚାରୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି, ନିଯୁକ୍ତି ପାଇଥିବା କର୍ମଚାରୀଙ୍କ ମଧ୍ୟରୁ ଠିକାଭିତ୍ତିରେ ଓ ନିୟମିତ ପଦବୀରେ ନିଯୁକ୍ତି ପାଇଥିବା କର୍ମଚାରୀଙ୍କ ସଂଖ୍ୟା କେତେ ତାର ବିଭାଗ ଓ ପଦବୀ ୱାରୀ ବିବରଣୀ ପ୍ରଦାନ କରିବେ କି ?

----

## ଆତ୍ମହତ୍ୟା ଜନିତ ମୃତ୍ୟୁ

3812 **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଆତ୍ମହତ୍ୟା ଜନିତ ମୃତ୍ୟୁ ଏବଂ ହାଜତ ଅବା ଜେଲ ମଧ୍ୟରେ ମୃତ୍ୟୁ ହାର ଦିନକୁ ଦିନ ବଢିବାର କାରଣ କଣ, ଏହା କିପରି ରୋକାଯାଇ ପାରିବ, ଗତ ପାଞ୍ଚ ବର୍ଷ ମଧ୍ୟରେ କେତେଗୋଟି ଆତ୍ମହତ୍ୟା ଜନିତ ମୃତ୍ୟୁ ଏବଂ ଜେଲ ଅବା ହାଜତ ମୃତ୍ୟୁ ହୋଇଅଛି, ତନ୍ମଧ୍ୟରୁ କେତୋଟି ମୃତ୍ୟୁର ତଦନ୍ତ ସରିଛି ଏବଂ କେତୋଟି ମୃତ୍ୟୁର ତଦନ୍ତ ଚାଲିଛି, କେତୋଟି ମୃତ୍ୟୁର ଫାଇଲ ଡ଼ୋର ବନ୍ଧାହୋଇ ରହିଛି ସବିଶେଷ ବିବରଣୀ ଉପସ୍ଥାପନ କରିବେ କି ?

----

## National Promotion/benefits to Officers

3813 **ଶ୍ରୀ ଦାସରଥୀ ଗମାଙ୍ଗ (ମୋହନା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- Since the order of revocation Lt No.7985, dtd. 08.08.2016 till 2020-2021, on which ground regularisation of service file was kept in abeyance without any pending vigilance case as well as also not a case affecting to the state exchequer, their names were not recommended to D.P.C. for their promotion in Steel & Mines Department; For which the then O/C must be questioned; For said mistake of an authority, no one should be deprived from their basic right unilaterally under Article-226 & 227 of the Constitution of India, Hence when such Officials will get their notional promotion/ benefits, please stated before the House ?

----

## BSKY Card ଦ୍ୱାରା ଚିକିତ୍ସା

3814 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ପ୍ରଚଳନ ହେଉଥିବା BSKY Card ଦ୍ୱାରା କେଉଁ କେଉଁ ଚିକିତ୍ସା ଅନ୍ତର୍ଭୁକ୍ତ ହୋଇଛି; ରାଜ୍ୟରେ କେଉଁ ଡ଼ାକ୍ତରଖାନାରେ BSKY Card ଦ୍ୱାରା କେତେ BED, କେତେ ICU ସଂଖ୍ୟା ଅନ୍ତର୍ଭୁକ୍ତ କରାଯାଇଛି ତାର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବେ ?

----

## ଡ଼ାକ୍ତର ପଦବୀ ପୂରଣ

3815 **ଶ୍ରୀ ରଘୁରାମ ପଡ଼ାଲ (କୋରାପୁଟ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) କୋରାପୁଟ ଜିଲ୍ଲାର SLNMCHରେ କେଉଁ କେଉଁ ବିଭାଗରେ କେତୋଟି Professor ଓ ଡ଼ାକ୍ତରୀ ପଦବୀ ଖାଲି ପଡ଼ିଛି; ଖାଲିପଡ଼ିଥିବା ପଦବୀ ଗୁଡ଼ିକ ପୂରଣ କରିବାର ବ୍ୟବସ୍ଥା କରିବେ କି; (ଖ) SLNMCHରେ ସଫାର କାର୍ଯ୍ୟ ସଠିକ ଭାବେ ହେଉନଥିବା ସରକାରଙ୍କ ନଜରରେ ଅଛି କି; ସରକାର ଏଥିପ୍ରତି ଧ୍ୟାନ ଦେବେ କି ?

----

## ସ୍ୱାଧିନତା ସଂଗ୍ରାମୀ ଭତ୍ତା ବୃଦ୍ଧି

3816 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ଅର୍ଥ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ କେତେଜଣ ସ୍ୱାଧିନତା ସଂଗ୍ରାମୀ ଓ ଅଣବନ୍ଦୀ ସ୍ୱାଧିନତା ସଂଗ୍ରାମୀ କିମ୍ବା ମୃତ ସଂଗ୍ରାମୀଙ୍କ ଉତ୍ତରାଧିକାରୀ ଭତ୍ତା ପାଉଛନ୍ତି ଓ ତାର ପରିମାଣ କେତେ ; ଜୀବିତ ସଂଗ୍ରାମୀ ଓ ଅଣବନ୍ଦୀ ସଂଗ୍ରାମୀମାନଙ୍କର ସଂଗ୍ରାମୀ ଭତ୍ତା ବୃଦ୍ଧି କରିବା ପାଇଁ ସରକାର ବିଚାର କରିବେ କି ; ଏହି ସ୍ୱାଧିନତା ସଂଗ୍ରାମୀମାନଙ୍କୁ ସରକାରଙ୍କର ଅନ୍ୟାନ୍ୟ ପ୍ରୋତ୍ସାହନ ରାଶି ସମ୍ପର୍କରେ ସୂଚନା ଦେବେ କି?

----

## ଖଣି Royalty ବୃଦ୍ଧି

3817 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେତୋଟି ଖଣି ବନ୍ଦ ଅଛି ଓ ଯାହା ଫଳରେ କେତେ ଶ୍ରମିକ/କର୍ମଚାରୀ କର୍ମଚ୍ୟୁତ ହୋଇଛନ୍ତି ସେମାନଙ୍କର ଜୀବିକା ଓ ରାଜ୍ୟର ରାଜସ୍ୱ ପାଇଁ ବନ୍ଦ ଥିବା ଖଣିଗୁଡିକୁ ଖୋଲିବାକୁ ପଦକ୍ଷେପ ନେବେ କି ; ରାଜ୍ୟରେ ଥିବା ସମସ୍ତ ପ୍ରକାର ଖଣି ସଂଖ୍ୟା କେତେ ; ରାଜ୍ୟ ସରକାର ଏହି ଖଣିମାନଙ୍କରୁ ବାର୍ଷିକ କେତେ ରାଜସ୍ୱ ପାଉଛନ୍ତି ଓ ଖଣି Royalty ବୃଦ୍ଧି ପାଇଁ ସରକାର ନେଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେବେ କି?

----

## Fire Station ପ୍ରତିଷ୍ଠା

3818 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଭଦ୍ରକ ଜିଲ୍ଲା ଅନ୍ତର୍ଗତ ବନ୍ତ ବ୍ଲକ ହେଡକ୍ୱାର୍ଟସରେ ଏକ Fire Station ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନେବେ କି?

----

## କେନ୍ଦ୍ରୀୟ ଅନୁଦାନ

3819 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ଅର୍ଥ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କେନ୍ଦ୍ର ସରକାର 2017 ରୁ 2022 ଆର୍ଥିକ ବର୍ଷ ମଧ୍ୟରେ କେନ୍ଦ୍ର ସରକାର କେଉଁ କେଉଁ ଯୋଜନା ଓ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାରୁ କେତେ ଅନୁଦାନ ହ୍ରାସ କରିଛନ୍ତି ଓ ଉକ୍ତ ପ୍ରକଳ୍ପଗୁଡିକୁ କାର୍ଯ୍ୟକାରୀ କରିବାରେ ରାଜ୍ୟ ସରକାର ଯେଉଁ ସ୍ୱତନ୍ତ୍ର ପଦକ୍ଷେପ ନେଇଛନ୍ତି କହିବେ କି?

----

## ସ୍ୱାସ୍ଥ୍ୟ ଯୋଜନା

3820 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ସମୁଦାୟ ସରକାରୀ ସ୍ତରରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରୁ ଆରମ୍ଭ କରି Medical College and Hospital ପର୍ଯ୍ୟନ୍ତ କେତୋଟି ଡାକ୍ତରଖାନା ଅଛି ଓ ମୋଟ ଡାକ୍ତରମାନଙ୍କ ସଂଖ୍ୟା କେତେ ; ଉକ୍ତ ଡାକ୍ତରଖାନା ମାନଙ୍କରେ କେତେ ସଂଖ୍ୟକ ଡାକ୍ତରଙ୍କ ଆବଶ୍ୟକତା ଅଛି ; ରାଜ୍ୟରେ ସ୍ୱାସ୍ଥ୍ୟ କ୍ଷେତ୍ରରେ କେତୋଟି ଯୋଜନା କାର୍ଯ୍ୟକାରୀ ହେଉଛି?

----

## PWD ରାସ୍ତା ସମ୍ପର୍କରେ

3821 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ସର୍ବମୋଟ କେତେ PWD ରାସ୍ତା ଓ କେତେ ଜାତୀୟ ରାଜପଥ ବା ହାଇୱେ ଜଣାଇବେ କି ଓ ଏହା କେଉଁ କେଉଁ Division ରେ କେତେ ଓ ଏହାର Maintenance ପାଇଁ K.M. ପ୍ରତି କେତେ ଅର୍ଥ ବରାଦ କରାଯାଉଛି ଜଣାଇବେ କି?

----

## ବିଭିନ୍ନ ମେସିନର Operating ପାଇଁ Training

3822 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- Doctor, Pharmacist ଓ Nurse ମାନଙ୍କୁ ସ୍ୱତନ୍ତ୍ର ଭାବରେ Groupwise X-ray machine, ECG ଏବଂ Ultrasound Operator କରିବା ପାଇଁ ସ୍ୱତନ୍ତ୍ର Trainingର ବ୍ୟବସ୍ଥା କରିବେ କି ; ରାଜ୍ୟର କେତୋଟି CHCରେ ଉପରୋକ୍ତ ସୁବିଧା ହୋଇପାରିନାହିଁ ; ଏ ସୁବିଧା କେବେ ସୁଦ୍ଧା ଯୋଗାଇ ଦିଆଯିବ ଜଣାଇବେ କି ?

----

## ଜବର ଦଖଲ ଉଚ୍ଛେଦ

3823 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଭୁବନେଶ୍ୱର ସହରରେ 1860 ଏକର ଜମିକୁ ଜବର ଦଖଲ ଉଚ୍ଛେଦ କାର୍ଯ୍ୟକ୍ରମ କେବେ ଶେଷ ହେବ ; ଏଥିରେ କି ପ୍ରତିବନ୍ଧକ ରହୁଛି ଉପରୋକ୍ତ ଜମି ବିକି Development ବା Public Utility ପାଇଁ ରଖାଯାଇଥିଲା ଜଣାଇବେ କି?

----

## R.D. Road କୁ PWD କୁ ହସ୍ତାନ୍ତର

3824 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- 24.12.2020 ରେ District Level Empower Committee Meeting ରେ R.D. Road କୁ PWD କୁ ହସ୍ତାନ୍ତର କରିବା ପାଇଁ କଳାହାଣ୍ଡି ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ହୋଇଥିବା ନିଷ୍ପତ୍ତି 02.03.2021 ରେ ପୂର୍ତ୍ତ ବିଭାଗକୁ ପଠାଯାଇଥିବା ରାସ୍ତା ଭିତରୁ ନର୍ଲା ନିର୍ବାଚନ ମଣ୍ଡଳୀର କେଉଁ କେଉଁ Road ର ପ୍ରସ୍ତାବ ଆସିଅଛି ଜଣାଇବେ କି ; ଉକ୍ତ Road କୁ PWD Road ଭାବରେ ବିଭାଗ Notification ଜାରୀ କରି କାର୍ଯ୍ୟ ଆରମ୍ଭ କରିବେ କି?

----

## PRM Medical କୁ ସ୍ୱତନ୍ତ୍ର ଭାବେ କାର୍ଯ୍ୟ କରିବାକୁ ପଦକ୍ଷେପ

3826 **ଡଃ. ବୁଧାନ ମୁର୍ମୁ (ସାରଶକଣା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- PRM Medical College & Hospital କେବେ ସୁଦ୍ଧା Independent କାର୍ଯ୍ୟକ୍ଷମ ହେବ, ଆଉ କେତେ ଦିନ Dist. Head Qr. Hospital ଉପରେ ନିର୍ଭର କରିବ ?

----

## ପାନ୍ନା ପଥର ସମ୍ପର୍କରେ

3827 **ଡଃ. ବୁଧାନ ମୁର୍ମୁ (ସାରଶକଣା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସାରସକଣା ବ୍ଲକରେ ମିଳୁଥିବା ଖଣିଜ ପଦାର୍ଥ (ପାନ୍ନା ପଥର) ପାଇଁ ଅଦ୍ୟାବଧି କ'ଣ ପଦକ୍ଷେପ ନେଇଛନ୍ତି ?

----

## NHM କର୍ମଚାରୀଙ୍କର ବଦଳି

3828 **ଡଃ. ବୁଧାନ ମୁର୍ମୁ (ସାରଶକଣା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- Mission Director ଙ୍କ Letter No. 10572 dt. 5.9.2019 ଅନୁସାରେ NHM କର୍ମଚାରୀଙ୍କ Transfer ନିୟମକୁ ମୟୁରଭଞ୍ଜ ଜିଲ୍ଲାରେ କାହିଁକି ବ୍ୟତିକ୍ରମ କରାଯାଉଛି ?

----

## College କୁ ସରକାରୀକରଣ ପାଇଁ ପଦକ୍ଷେପ

3829 **ଡଃ. ବୁଧାନ ମୁର୍ମୁ (ସାରଶକଣା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମୟୁରଭଞ୍ଜ Homeopathy / Ayurvedic College ଦୀର୍ଘ ଦିନ ଧରି ବନ୍ଦ ପଡିଥିବା ସତ୍ତ୍ୱେ ସରକାର ଏହି College କୁ ସରକାରୀକରଣ ପାଇଁ କ'ଣ ପଦକ୍ଷେପ ନେଇଛନ୍ତି ?

----

## ଦାନ୍ତ ଡାକ୍ତର ନିଯୁକ୍ତି

3830 **ଡଃ. ବୁଧାନ ମୁର୍ମୁ (ସାରଶକଣା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପ୍ରତି PHC ରେ Dental Doctor (RDS) ମାନଙ୍କ ସମସ୍ତ ସରଞ୍ଜାମ ସହ କେବେ ସୁଦ୍ଧା Posting କରାଯିବ ?

----

## Leasing of Mines and Minerals

3831 **ଡ଼ଃ ପ୍ରଦୀପ କୁମାର ପାଣିଗ୍ରାହୀ (ଗୋପାଳପୁର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- What are different Acts, rules, circular G.O. issued for governance of Steel Mines department give in details as leasing of mines and minerals, procedure of mines how company compliance government rules, follows as per act for production of mining, what are Central Act and rules for governing better mining leasing green technology, what is Coal India and Steel authority of India, position in green technology ?

----

**Steel Index of India**

3832 **ଡ଼ଃ ପ୍ରଦୀପ କୁମାର ପାଣିଗ୍ରାହୀ (ଗୋପାଳପୁର)ः**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- What is Steel Index of India and other Steel produced states with Odisha and Steel statics at national level and in our state of each plant, what is Steel analysis of 2022 give in details and how many company initiated steps for green technology in steel sector, what is time line for adoption new technology, what steps are taken by government on this, what (MOE) process in Steel producing sector what is in free from COL emissions, state in detail about different types and quality Steel production in India and our State from each company ?

----

**Zero Tolerance Policy**

3833 **ଡ଼ଃ ପ୍ରଦୀପ କୁମାର ପାଣିଗ୍ରାହୀ (ଗୋପାଳପୁର)ः**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କିः-ः- What are the major and day to day function of General Administration department, what are the major reformation initiated for general people of Odisha, what is performance index of each section of G.A. Department, what is Public Service Act in India and in Odisha, how many service of each department from which year and what is performance index of each service in state and each service from each district, why this Act is enacted what is its proposes, whether the purpose served properly or needs intervention and what is Zero tolerance policy in corruption, whether government successed its policy objective ?

----

**Steps to control crime**

3834 **ଡ଼ଃ ପ୍ରଦୀପ କୁମାର ପାଣିଗ୍ରାହୀ (ଗୋପାଳପୁର)ः**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- What are the major and minor function of Home Department in details, what is Government stand or opinion about despite stable economy with revenue surplus budget, with all social welfare measures to address basics needs of people and improved human development index and health index with all growth why increase of crimes and crime against women, murder increased, increased economics offences what are reason, whether Government deals with good economy and welfare measure with good law and order are sufficient to control crime?

----

## Delay of NHAI work on Bhubaneswar to Gopalpur

3835 **ଡ଼ଃ ପ୍ରଦୀପ କୁମାର ପାଣିଗ୍ରାହୀ (ଗୋପାଳପୁର):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- What are the different reason for delay of NHAI work on Bhubaneswar to Gopalpur-Ichhapur NHAI road with status report of present work of each section and time period of completion, what is Ganjam Administration proposal submitted for control of road accident death and accident free proposal and what is states proposal and what is G.O.I.'s approval proposal at present for construction road accident free road?

----

## ଗ୍ରେଡେସନ ତାଲିକା ପ୍ରସ୍ତୁତିରେ ବ୍ୟାପକ ଦୁର୍ନୀତି

3836 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- (କ)ରାଜ୍ୟ ସରକାରଙ୍କ ପୋଲିସ ବିଭାଗରେ କାର୍ଯ୍ୟରତ DSP ପାହ୍ୟାର ଅଫିସରମାନଙ୍କ ଗ୍ରେଡେସନ ତାଲିକା ପ୍ରସ୍ତୁତି ନେଇ ବ୍ୟାପକ ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣ ହୋଇଛି କି, ବିଶେଷ କରି 2011 ମସିହାରେ ଉତ୍ତୀର୍ଣ୍ଣ ହୋଇ 2016 ମସିହାରେ ଯୋଗଦେଇଥିବା ଏବଂ ତାହା ପରେ ସିଧାସଳଖ DSP ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଯୋଗଦେଇଥିବା ଅଫିସରମାନଙ୍କୁ ତାଲିକାର ତଳେ ରଖାଯାଇଛି କି, ଏହି ପ୍ରସଙ୍ଗରେ 2021 ମସିହାରେ ନିଯୁକ୍ତି ପାଇଥିବା DSP ପାହ୍ୟାର ଅଫିସରମାନଙ୍କୁ ତାଲିକାର ଉପରେ ରଖାଯାଇଛି କି, ଅର୍ଥାତ ବରିଷ୍ଠତା ପ୍ରଦାନ କରାଯାଇଛିକି, (ଖ) ସରକାର ନିଜର ସ୍ୱଚ୍ଛତାର ପ୍ରମାଣ ଦେଇ ତୁରନ୍ତ ସେହି ଗ୍ରେଡେସନ ତାଲିକାକୁ ବାତିଲ କରିବା ସହ ଚାକିରୀ ଯୋଗଦାନ ତାରିଖ ଆଧାରରେ ନୂତନ ତାଲିକା ପ୍ରସ୍ତୁତ କରିବେକି?

----

## ଔଷଧ କ୍ରୟ ପାଇଁ ବ୍ୟୟ ଅଟକଳ

3837 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ସରକାର ପ୍ରତ୍ୟେକ ବର୍ଷ ଔଷଧକିଣିବା ପାଇଁ କେତେ ଟଙ୍କାର ବଜେଟ ବ୍ୟବସ୍ଥା କରୁଛନ୍ତି, ଗତ 5 ବର୍ଷର ତଥ୍ୟ ଦେବେ କି (2018- 2019, 2019- 2020, 2020- 2021,2021- 2022, 2022-2023), ବଜେଟ ବ୍ୟବସ୍ଥାର ସବୁ ଅର୍ଥ ଖର୍ଚ୍ଚ ହୋଇଛି କି, (ଖ) ବଜେଟ ବ୍ୟବସ୍ଥାରେ ଥିବା ଅର୍ଥରୁ ରାଜ୍ୟ ମଧ୍ୟରୁ କେତେ ଏବଂ ରାଜ୍ୟ ବାହାରୁ କେତେ ଔଷଧ କିଣାଯାଇଛି, ଅନ୍ୟାନ୍ୟ ଚିକିତ୍ସା ସାମଗ୍ରୀ କେଉଁଠାରୁ କିଣାଯାଇଛି, ଔଷଧ ନିଗମ ମାଧ୍ୟମରେ ଏ ସମସ୍ତ ଔଷଧ କିଣାଯାଇଛି କି?

----

## ଆଇନଗତ ସହାୟତା ପ୍ରଦାନ

3838 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ଃ**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟର ମହିଳାମାନେ ବିଭିନ୍ନ କ୍ଷେତ୍ରରେ ହିଂସାର ଶିକାର ହେଉଛନ୍ତି କି, ତନ୍ମଧ୍ୟରୁ ପାରିବାରିକ ହିଂସା ଅନ୍ୟତମ କି, ଗତ 5 ବର୍ଷ ମଧ୍ୟରେ କେତେ ମହିଳା ଏପରି ହିଂସାର ଶିକାର ହେଲେଣି, କେତେ ମାମଲା ରୁଜୁହୋଇଛି, କେତେ ଗିରଫ ହୋଇଛନ୍ତି, ଏହି ମହିଳାମାନଙ୍କ ମଧ୍ୟରୁ କେତେକଙ୍କୁ ଆଇନଗତ ସହାୟତା ସରକାର ଯୋଗାଇ ଦେଇଛନ୍ତି?

----

## PHC କୁ CHC ରେ ପରିଣତ କରିବାକୁ ପଦକ୍ଷେପ

3839 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଜୟପୁର ନିର୍ବାଚନ ମଣ୍ଡଳୀ ତଥା ବୋରିଗୁମ୍ମା ବ୍ଲକର କୁମୁଳି PHC ଉପରେ ହଜାର ହଜାର ଆଦିବାସୀଙ୍କ ସମେତ ସାଧାରଣ ଲୋକ ନିର୍ଭର କରନ୍ତି କି; ସ୍ଥାନୀୟ ଲୋକଙ୍କୁ ଚିକିତ୍ସା ଯୋଗାଇ ଦେବାରେ ଏହି PHC ( Primary Health Center) ସକ୍ଷମ ହେଉନାହିଁ କି; ଏହାକୁ ଦୃଷ୍ଟିରେ ରଖି ଏହି ଗୁରୁତ୍ୱପୂର୍ଣ୍ଣ ଡ଼ାକ୍ତରଖାନାକୁ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର (CHC ବା Community Health Center) ଭାବେ ଉନ୍ନତିକରଣ କରାଯିବ କି ; CHC ମାନ୍ୟତା ଆଧାରରେ ଡ଼ାକ୍ତର ନିଯୁକ୍ତି ପାଇବେ କି ?

----

## ଭ୍ରାମ୍ୟମାଣ ଚିକିତ୍ସା ବ୍ୟବସ୍ଥା

3840 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) କୋରାପୁଟ ଜିଲ୍ଲାରେ ଭ୍ରାମ୍ୟମାଣ ଚିକିତ୍ସା ବ୍ୟବସ୍ଥା ( Mobile Health Unit ) ପ୍ରଚଳିତ ଥିଲା କି; ଏହା ଏବେ ବନ୍ଦ ହୋଇଯାଇଛି କି; ଏହି ବ୍ୟବସ୍ଥାରେ କେତେ ଜଣ ନିଯୁକ୍ତି ପାଇଥିଲେ ସେମାନଙ୍କର ସ୍ଥିତି କଣ; ( ଖ) ଏହି ବ୍ୟବସ୍ଥାର ପୁନଃ ପ୍ରଚଳନ ସ୍ୱରୁପ ସରକାର ଭ୍ରାମ୍ୟମାଣ ବ୍ୟବସ୍ଥାରେ ରକ୍ତ , କଫ, ମଳ, ମୁତ୍ର ଓ ଚକ୍ଷୁ ପରୀକ୍ଷଣ କରାଯିବ କି ?

----

## ଚିକିତ୍ସା ପାଇଁ ଭିତ୍ତିଭୂମି ସହ ଆନୁସଙ୍ଗିକ ବ୍ୟବସ୍ଥା

**3841 ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟରେ କେଉଁ କେଉଁ ମେଡ଼ିକାଲ କଲେଜ ଓ ଜିଲ୍ଲା ସଦରମହକୁମାର ଡ଼ାକ୍ତରଖାନାରେ ଜନସାଧାରଣଙ୍କ ନିମନ୍ତେ Occupational Therapy, Speech Therapy ଓ Audio Therapy ର ଚିକିତ୍ସା ପାଇଁ ଭିତ୍ତିଭୂମି ସହ ଆନୁସଙ୍ଗିକ ବ୍ୟବସ୍ଥା ଅଛି, ଜିଲ୍ଲାୱାରୀ /ଡ଼ାକ୍ତରଖାନାୱାରୀ ତଥ୍ୟ ଦେଇ ଏହି ଚିକିତ୍ସା ପାଇଁ ଆବଶ୍ୟକ ମଞ୍ଜୁରୀପ୍ରାପ୍ତ ଡ଼ାକ୍ତର ପଦବୀ ସଂଖ୍ୟା କେତେ ଓ ବର୍ତ୍ତମାନ ଏହି ମଞ୍ଜୁରୀପ୍ରାପ୍ତ ଡ଼ାକ୍ତର ପଦବୀ ମଧ୍ୟରୁ କେତେ ପଦବୀ ଖାଲି ଅଛି , ଖାଲିପଦବୀ କେବେସୁଦ୍ଧା ପୂରଣ କରିବେ; ( ଖ ) ବଲାଙ୍ଗିରଠାରେ ଥିବା SVNIRTAR ର ସେଟେଲାଇଟ୍ କେନ୍ଦ୍ରରେ Occupational Therapy, Speech Therapy ଓ Audio Therapy ର ଚିକିତ୍ସା ପାଇଁ ଆବଶ୍ୟକୀୟ ଡ଼ାକ୍ତର ନଥିବା ଅଭିଯୋଗର ସମାଧାନ ପାଇଁ ସରକାର ପଦକ୍ଷେପ ନେବେ କି ?

----

## ଡ଼ାକ୍ତରଖାନାକୁ ଯୋଗାଇଥିବା ପାଣ୍ଠିର ପରିମାଣ

**3842 ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟରେ କେଉଁ କେଉଁ ସ୍ଥାନରେ ଆୟୁର୍ବେଦିକ କଲେଜ / ଆୟୁର୍ବେଦିକ ଡ଼ାକ୍ତରଖାନା ଏବଂ ହୋମିଓପାଥି କଲେଜ ଓ ହୋମିଓପାଥି ଡାକ୍ତରଖାନ ଅଛି, ଜିଲ୍ଲାୱାରୀ ତାଲିକା ଦେଇ ଏହି ଡ଼ାକ୍ତରଖାନାର ଭିତ୍ତିଭୂମି ଓ ଅନ୍ୟାନ୍ୟ ଆନୁସାଙ୍ଗିକ ବ୍ୟବସ୍ଥା ପାଇଁ 2015 ମସିହାରୁ 30.06.2022 ପର୍ଯ୍ୟନ୍ତ କେଉଁ ଡାକ୍ତରଖାନକୁ କେଉଁ ବର୍ଷ କେତେ ପାଣ୍ଠି ଯୋଗାଇଛନ୍ତି, ଏହି ଡାକ୍ତରଖାନାମାନଙ୍କର ମଞ୍ଜୁରୀପ୍ରାପ୍ତ ଡାକ୍ତର, ଅନ୍ୟାନ୍ୟ ଦରକାରୀ ପଦବୀ ସଂଖ୍ୟା କେତେ ଏବଂ 30.06.2022 ସୁଦ୍ଧା କେତେ ପଦବୀ ଖାଲିଅଛି ଓ ତାହା କେବେ ସୁଦ୍ଧା ପୂରଣ ହେବ ଡାକ୍ତରଖାନାୱାରୀ ତଥ୍ୟ ଦେବେ କି ;(ଖ) କେଉଁ ଜିଲ୍ଲାର ଆୟୁର୍ବେଦିକ ଡାକ୍ତରଖାନା ଓ ହୋମିଓପାଥି ଡାକ୍ତରଖାନାକୁ ସରକାର Upgrade କରିବାକୁ ଯୋଜନା କରିଛନ୍ତି, ଜିଲ୍ଲାୱାରୀ ତା'ର ତଥ୍ୟ ଦେବେ କି ?

----

## ସରକାରୀ କର୍ମଚାରୀମାନଙ୍କୁ ଘରଭଡ଼ା ଦେବା ପ୍ରସ୍ତାବ

**3843 ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ଅର୍ଥ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ଦରଦାମ ବୃଦ୍ଧିକୁ ଅନୁଧ୍ୟାନ କଲେ ବଜାରରେ ଘରଭଡା ବୃଦ୍ଧି ହେଉଥିବାରୁ ରାଜ୍ୟ ସରକାରୀ କର୍ମରୀମାନଙ୍କ ଅସନ୍ତୋଷକୁ ପ୍ରଶମିତ କରିବା ପାଇଁ ତାଙ୍କର ଯଥାର୍ଥ ଦାବୀ ଅନୁସାରେ ସପ୍ତମ ବେତନର ମୂଳଦରମାକୁ ଭିତ୍ତିକରି ରାଜ୍ୟ ସରକାରୀ କର୍ମଚାରୀମାନଙ୍କୁ ସରକାର ଘରଭଡ଼ା ଦେବା ପ୍ରସ୍ତାବକୁ ଗ୍ରହଣ କରିବେ କି ; ଯଦି ଉତ୍ତର ନା' ହୁଏ ତେବେ ତା'ର କାରଣ - ଜଣାଇବେ କି ?

----

## ଗଚ୍ଛିତଥିବା ଖଣିଜପଦାର୍ଥର ପରିମାଣ

**3844 ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଲୋଇସିଂହା ନିର୍ବାଚନ ମଣ୍ଡଳୀର ଲୋଇସିଂହା ବ୍ଲକର ସରଗାଡ ଗ୍ରା.ପ. / ବାନିପାଲି ଗ୍ରାମ ପଞ୍ଚାୟତ/ ଉପରବାହାଲ ଗ୍ରା. ପ. ରତାଖଣ୍ଡି ଗ୍ରା, ପ. ଅଞ୍ଚଳରେ ଖଣି ବିଭାଗର ସର୍ଭେ ଅନୁଯାୟୀ କେତେ ହେକ୍ଟର ଜମିରେ କେତେ ପରିମାଣର କେଉଁ କେଉଁ ଖଣିଜ ପଦାର୍ଥ ଗଚ୍ଛିତ ଅଛି ଏହି ଗଚ୍ଛିତ ଖଣିର ପଦାର୍ଥକୁ ବ୍ୟବସାୟୀକ ଭିତ୍ତିରେ ଉତ୍ତୋଳନ କରିବା ପାଇଁ ସରକାରଙ୍କ ଯୋଜନା ଅଛି କି ; ଯଦି ଉତ୍ତର ହଁ ହୁଏ ତା'ଉପରେ ଗୃହରେ ତଥ୍ୟ ଉପସ୍ଥାପନ କରି, ଖଣି ଉତ୍ତୋଳନ କାର୍ଯ୍ୟ ଆରମ୍ଭ ପୂର୍ବରୁ ଚିହ୍ନଟ ହୋଇଥିବା ଏହି ଖଣିଜ ପଦାର୍ଥର ସୁରକ୍ଷା ନିମନ୍ତେ ସରକାର କେଉଁ ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ମୁଦ୍ରାସ୍ଫୀତି ବୃଦ୍ଧିର କୁପ୍ରଭାବ

**3845 ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ଅର୍ଥ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- 30.06.2022 ସୁଦ୍ଧା ଓଡ଼ିଶାର ମୁଦ୍ରାସ୍ଫୀତି ହାର ଓ ଜାତୀୟ ମୁଦ୍ରାସ୍ଫୀତି ହାରର ଏକ ତୁଳନାତ୍ମକ ତଥ୍ୟ ଦେଇ ମୁଦ୍ରାସ୍ଫୀତିର ବୃଦ୍ଧି ଯୋଗୁଁ ରାଜ୍ୟବାସୀଙ୍କ ଉପରେ ତା'ର କି ପ୍ରଭାବ ପଡୁଛି ତଥ୍ୟ ଭିତ୍ତିକ ସ୍ପଷ୍ଟୀକରଣ ଦେବେ କି ଓ ମୁଦ୍ରାସ୍ଫୀତି ବୃଦ୍ଧିର କୁପ୍ରଭାବକୁ ରୋକିବା ପାଇଁ ରାଜ୍ୟ ସରକାର କି ପଦକ୍ଷେପ ନେଉଛନ୍ତି ଗୃହରେ ମତାମତ ରଖିବେ କି ?

----

## ଖଣି ମଣ୍ଡଳରେ ଅଡିଟ ହୋଇଥିବା ରିପୋର୍ଟର କାର୍ଯ୍ୟାନୁଷ୍ଠାନ

**3846 ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ଇସ୍ପାତ ଓ ଖଣି ବିଭାଗରେ କେଉଁ କେଉଁ କାର୍ଯ୍ୟର ଅଡିଟ୍ କେଉଁ ଆଧାରରେ କାହା ଦ୍ୱାରା କେତେ ଅବଧି ମଧ୍ୟରେ କରାଯିବାର ବ୍ୟବସ୍ଥା ରହିଛି ; ସଂପୃକ୍ତ ବ୍ୟବସ୍ଥା ଆଧାରରେ କେଉଁ କେଉଁ ଖଣିମଣ୍ଡଳରେ ଅଡିଟ୍ ରିପୋର୍ଟ ଆଧାରରେ ହୋଇଥିବା ଅନିୟମିତତା ଆଧାରରେ ଅଦ୍ୟାବଧି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ତାର ଏକ ବିବରଣୀ ପ୍ରଦାନ କରିବେ କି, (ଖ) i3 MS Software ର Cyber-Security Audit କେଉଁ କେଉଁ ବର୍ଷରେ ହୋଇନାହିଁ ତାର କାରଣ କ'ଣ କେବେ ସୁଦ୍ଧା ବିଳମ୍ବିତ ପ୍ରକ୍ରିୟା ପାଇଁ କେଉଁ କେଉଁ ମାନଙ୍କୁ ଉତ୍ତରଦାୟୀ କରାଯିବ ତାହା ସ୍ପଷ୍ଟ ଭାବେ ଜଣାଇବେ କି ?

----

## ବ୍ୟବହୃତ ନ ହୋଇ ରହିଥିବା ଜମି

**3847 ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ସାଧାରଣ ପ୍ରଶାସନ ବିଭାଗ ଅଧିନରେ ଥିବା ସମୁଦାୟ କେତେ ପରିମିତ ଜମିରୁ ସଂପ୍ରତି କେତେ ପରିମିତ ଜମି ବ୍ୟବହୃତ ନହୋଇ ରହିଛି ଓ କେଉଁ କେଉଁ ଅଞ୍ଚଳରୁ କେତେ ଜମି ଜବରଦଖଲକାରୀଙ୍କ କବଳରେ ରହିଛି ତାର ମୂଲ୍ୟ କେତେ ; 2014 ମସିହା ସୁଦ୍ଧା ଜବରଦଖଲକାରୀ କବଳରେ କେତେ ଜମି ଥିଲା ; ଜବରଦଖଲ ଉଚ୍ଛେଦ ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଉପାଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ତା ୧୫.୦୯.୨୦୧୪ ରିଖରେ ଗଠନ କରାଯାଇଥିବା କେନ୍ଦ୍ରୀୟ ପ୍ରବର୍ତ୍ତନ ପର୍ଯ୍ୟବେକ୍ଷଣ କମିଟି ମାଧ୍ୟମରେ କେଉଁ ବର୍ଷରେ କେଉଁ କେଉଁ ଅଞ୍ଚଳରେ କେତେ ପରିମାଣର ଜମିରୁ (କେତେ ମୂଲ୍ୟର) ଜବରଦଖଲ ମୁକ୍ତ କରାଯାଇଛି ; ଅବଶିଷ୍ଟ ଜମି କେବେସୁଦ୍ଧା ଦଖଲମୁକ୍ତ କରାଯିବ ?

----

## ଚିହ୍ନଟ ହୋଇଥିବା ଖଣିଜ ବ୍ଲକକୁ ନିଲାମ

3848 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର)ः**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ମହଜୁଦ ଥିବା ଖଣିଜ ପଦାର୍ଥକୁ ଭବିଷ୍ୟତ ପିଢ଼ୀ ପାଇଁ ସଂରକ୍ଷିତ ନରଖି ଚିହ୍ନଟ ହୋଇଥିବା ସମସ୍ତ ଖଣିଜ ବ୍ଲକକୁ ନିଲାମ ପ୍ରକ୍ରିୟାରେ ଘରୋଇ ଓ ବ୍ୟକ୍ତି ବିଶେଷକୁ ଦେଇ ଦେବା ପାଇଁ ଯୋଜନା କରିଛନ୍ତି କି ; ଯଦି ପ୍ରଶ୍ନର ଉତ୍ତର ହଁ ହୁଏ ତେବେ, ଚିହ୍ନଟ ହୋଇଥିବା (କେତେ ପରିମାଣର ମହଜୁଦ ଥିବା) କେଉଁ କେଉଁ ଖଣିଜ ବ୍ଲକକୁ କେବେସୁଦ୍ଧା ନିଲାମ କରାଯିବ ସେଥିପାଇଁ କି କି ପ୍ରକ୍ରିୟା କେଉଁ ପର୍ଯ୍ୟାୟରେ ରହିଛି ତାର ସବିଶେଷ ବିବରଣୀ ଉପସ୍ଥାପନ କରିବେ କି ; (ଖ) ରାଜ୍ୟରେ ମହଜୁଦ ଥିବା କେତେ ପରିମାଣର କି କି ଖଣିଜ ପଦାର୍ଥ ମଧ୍ୟରୁ ଘରୋଇ ସଂସ୍ଥା, ବ୍ୟକ୍ତି ବିଶେଷ ଓ ସରକାରୀ ଉଦ୍ୟୋଗୀଙ୍କୁ କେତେ କେତେ ପରିମାଣର ଖଣି ପଟ୍ଟା ମଞ୍ଜୁର କରାଯାଇଛି ; ସମୁଦାୟ ପରିମାଣର ଏହା କେତେ କେତେ ପ୍ରତିଶତ ଅଟେ ତାହା ପ୍ରକାଶ କରିବେ କି ?

----

## ପ୍ରକଳ୍ପ ପାଇଁ ସାମଗ୍ରୀର ଗୁଣବତ୍ତା ପରୀକ୍ଷଣ

3849 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର)ः**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମାଣ କରାଯାଇଥିବା ରାସ୍ତା, ସେତୁ ଓ କୋଠାବାଡି ପ୍ରଭୃତି ପ୍ରକଳ୍ପ ପାଇଁ ସାମଗ୍ରୀର ଗୁଣବତ୍ତା ପରୀକ୍ଷଣ, ସମୀକ୍ଷା ଓ ଯାଞ୍ଚ ନିମନ୍ତେ କି କି ବ୍ୟବସ୍ଥା ରହିଛି; ସଂପୃକ୍ତ ବ୍ୟବସ୍ଥାକୁ ପରିଚାଳନା ନିମନ୍ତେ କି କି ଅତ୍ୟାଧୁନିକ ବୈଷୟିକ ଜ୍ଞାନ କୌଶଳ ମାଧ୍ୟମରେ କାର୍ଯ୍ୟ ସମ୍ପାଦନ କରାଯାଉଛି ; କେଉଁ କାର୍ଯ୍ୟ ନିମନ୍ତେ କେଉଁ କେଉଁ ପଦବୀ ସୃଷ୍ଟି କରାଯାଇଛି ଓ କେଉଁ ପଦବୀରେ କେତେ ଜଣଙ୍କୁ ନିଯୁକ୍ତ ଦିଆଯାଇଛି ; କେଉଁ ପଦବୀ କେବେଠାରୁ ଖାଲି ରହିଛି ; ବିଗତ ୫ ବର୍ଷ ମଧ୍ୟରେ ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ସମୁଦାୟ ପ୍ରକଳ୍ପ ମଧ୍ୟରୁ କେତେ ପ୍ରକାର ନିର୍ମାଣ ସାମଗ୍ରୀ ସରକାରୀ ପରୀକ୍ଷାଗାରରେ ଗୁଣବତ୍ତା ଯାଞ୍ଚ କରାଯାଇଛି ଓ କେତେ ନମୁନା ସରକାରୀ ନିର୍ଦ୍ଧାରିତ ମାନ ଠାରୁ କମ୍ ଥିବାର ଜଣାଯାଇଥିଲା ତାର ବର୍ଷୱାରୀ ବିବରଣୀ ପ୍ରଦାନ କରିବେ କି ; (ଖ) ନିର୍ମାଣ ସାମଗ୍ରୀ ପରୀକ୍ଷଣ ନିମନ୍ତେ କି କି ଦର କେବେ ଧାର୍ଯ୍ୟ ହୋଇଥିଲା ଓ ବିଗତ ୫ ବର୍ଷ ମଧ୍ୟରେ ସାମଗ୍ରୀ ପରୀକ୍ଷଣ ବାବଦକୁ କେଉଁ ବର୍ଷ କେତେ ରାଜସ୍ୱ ମିଳିଛି ?

----

## ଉତ୍ତୋଳନ ନିମନ୍ତେ ମାଇନିଂ ପ୍ଲାନରେ ଅନୁମୋଦନ

3850 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ତଳବିରା ୨ ଓ ୩ କୋଇଲା ଖଣିରେ କେବେଠାରୁ ଉତ୍ତୋଳନ ଆରମ୍ଭ ହୋଇ କେଉଁ କେଉଁ ବର୍ଷରେ କେତେ ପରିମାଣର ଓ କେଉଁ ମାନର ଉତ୍ତୋଳନ ନିମନ୍ତେ ମାଇନିଂ ପ୍ଲାନରେ ଅନୁମୋଦନ କରାଯାଇଛି, ଅନୁମୋଦିତ ମାଇନିଂ ପ୍ଲାନ୍ ଆଧାରରେ କେତେ ଉତ୍ତୋଳନ ହୋଇଛି, ସଂପୃକ୍ତ କୋଇଲା ଟନ୍ ପ୍ରତି ଉତ୍ତୋଳନ ଖର୍ଚ୍ଚ କେତେ ହୋଇଥିବା ବେଳେ କେତେ ମୂଲ୍ୟରେ ବିକ୍ରି ହେଉଛି ତାର ଏକ ବିବରଣୀ ପ୍ରଦାନ କରିବେ କି, ସଂପୃକ୍ତ ଖଣିରେ କେତେ ସଂଖ୍ୟକ ଶ୍ରମିକ/କର୍ମଚାରୀ ନିୟୋଜିତ ହୋଇଛନ୍ତି, ନିୟୋଜିତ ଶ୍ରମିକ କେଉଁ କେଉଁ ଠିକା ସଂସ୍ଥା ଜରିଆରେ ନିଯୁକ୍ତି ପାଇଛନ୍ତି , ନିୟୋଜିତ ଶ୍ରମିକ /କର୍ମଚାରୀଙ୍କ ମଧ୍ୟରୁ ସମ୍ବଲପୁର ଜିଲ୍ଲାର ସଂଖ୍ୟା କେତେ ତାହା ଜଣାଇବେ କି, (ଖ) ଖଣି କର୍ତ୍ତୃପକ୍ଷଙ୍କ ଦ୍ୱାରା ସମ୍ବଲପୁର ଜିଲ୍ଲାର ପାରିପାର୍ଶ୍ୱିକ ଉନ୍ନୟନ ଓ ସିଏସ୍ଆର୍ ନିମନ୍ତେ କେତେ ଅର୍ଥ ଖର୍ଚ୍ଚ କରିଛନ୍ତି ତାହା ଜଣାଇବେ କି ?

----

## ସଂଘଟିତ ଅପରାଧର ସଂଖ୍ୟା

3851 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଓଡ଼ିଶାରେ କରୋନା ମହାମାରୀ ସମୟରୁ ବର୍ତ୍ତମାନ ସୁଦ୍ଧା ମୋଟ କେତେ ଅପରାଧ ସଂଘଟିତ ହୋଇଛି, ସେଥିରେ କେତେଜଣଙ୍କ ବିରୋଧରେ କେଉଁ କେଉଁ ଅପରାଧିକ କେତୋଟି ମାମଲା ରୁଜୁ ହୋଇଛି, ସେଥିମଧ୍ୟରୁ କେତେଜଣ ସାମାଜିକ, ରାଜନୈତିକ କର୍ମୀ, ସାମ୍ବାଦିକ (ଉଭୟ ଛାପା ଓ ବୈଦ୍ୟୁତିକ), ମାଓବାଦୀଙ୍କ ବିରୋଧରେ କେଉଁ କେଉଁ ଅପରାଧରେ କେତେ ମାମଲା ଦାଏର କରାଯାଇ କେତେଜଣଙ୍କୁ ଜେଲ୍‌ରେ ଭର୍ତ୍ତି କରାଯାଇଛି ବିଶେଷ କରି ମହାମାରୀ କାରଣରୁ ସଂପୃକ୍ତ ଆଇନ ଉଲ୍ଲଂଘନ ଅଭିଯୋଗରେ କେତେଜଣଙ୍କ ବିରୁଦ୍ଧରେ କେତେ ମାମଲା ହୋଇଛି, କେତେ ଜରିମାନା ଆଦାୟ ହୋଇଛି ସେ ବିଷୟରେ ମାସ ଓ ଜିଲ୍ଲାୱାରୀ ତଥ୍ୟ ଦେବେ କି, ନିର୍ଦ୍ଦିଷ୍ଟ ଭାବେ କହିବେ କି ଲକଡାଉନ୍ ପରିପ୍ରେକ୍ଷୀରେ ଅବକାରୀ ଆଇନ ଉଲ୍ଲଂଘନ କରି କେତେ ମଦ୍ୟପଙ୍କୁ ଗିରଫ କରାଯାଇଥିଲା, କେତେ ଅବକାରୀ ସାମଗ୍ରୀ ପୋଲିସ ଜବତ କରିଥିଲା ?

----

## ଟିକସ/ଅଣ ଟିକସ ରାଜସ୍ୱ ବାବଦରେ ଅନାଦେୟ ଅର୍ଥର ପରିମାଣ

3853 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**ଅର୍ଥ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ବିଭିନ୍ନ ନ୍ୟାୟାଳୟରେ ଟିକସ ଓ ରାଜସ୍ୱ ଦେୟ ସଂକ୍ରାନ୍ତୀୟ ମାମଲା ଯୋଗୁଁ ଟିକସ/ଅଣଟିକସ/ରାଜସ୍ୱ ବାବଦରେ କେତେ ଅର୍ଥ ଅନାଦେୟ ରହିଅଛି, ସଂପୃକ୍ତ ମାମଲା ମଧ୍ୟରୁ କେତେ ସଂଖ୍ୟକ ମାମଲା ବିଚାରଧୀନ ଭାବେ କେବେଠାରୁ ପଡିରହିଛି କେତେ ସଂଖ୍ୟକ ମାମଲା କେଉଁ ମସିହାରୁ ଚାଲୁ ରହିଛି ତାର ବର୍ଷୱାରୀ ବିବରଣୀ ପ୍ରଦାନ କରିବେ କି; (ଖ) ବିଭିନ୍ନ ନ୍ୟାୟାଳୟ ଓ ବିଭାଗୀୟ ଅଧିକାରୀମାନଙ୍କଠାରେ ଦୀର୍ଘଦିନ ଧରି ବିଚାରଧୀନ ଥିବା ରାଜସ୍ୱ/ଟିକସ ସମ୍ବନ୍ଧୀୟ ମାମଲାର ତୁରନ୍ତ ଫଏସଲା ନିମନ୍ତ ସରକାର କେବେ କି ନିର୍ଦ୍ଦିଷ୍ଟ ପଦକ୍ଷେପ ଗ୍ରହଣ କରିଛନ୍ତି, ଭବିଷ୍ୟତରେ ରାଜସ୍ୱ ଆଦାୟ ଜନିତ ମାମଲାର ବିଳମ୍ବଜନିତ ପ୍ରକ୍ରିୟା ହ୍ରାସ ନିମନ୍ତେ କି କି ପଦକ୍ଷେପ ଗ୍ରହଣ କରିଛନ୍ତି ତାହା ପ୍ରକାଶ କରିବେ କି ?

----

## ଚାରିଥାକିଆ ରାସ୍ତା ନିର୍ମାଣ

3854 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ଝାରସୁଗୁଡ଼ା ଠାରୁ ଝାରସୁଗୁଡ଼ା Railway Station (via) ଝାରସୁଗୁଡ଼ା ରୋଡ଼ Railway Station ଦେଇ ନୂତନ ଚାରିଥାକିଆ ରୋଡ଼ ତିଆରି କରିବାର ଯୋଜନା ଅଛି କି; ଯଦି ନା କେବେ ସୁଦ୍ଧା ଯୋଜନା କରିବେ ଜଣାଇବେ କି; (ଖ) ଝାରସୁଗୁଡ଼ା (ସରବାହାଲ)ଠାରେ ନିର୍ମାଣ ହେଉଥିବା ROB କେବେ ସୁଦ୍ଧା ଶେଷ ହେବ ?

----

## ସମ୍ବଲପୁରଠାରୁ କଟକ ପର୍ଯ୍ୟନ୍ତ ଚାରିଥାକିଆ ରାସ୍ତା ନିର୍ମାଣ

3855 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସମ୍ବଲପୁରଠାରୁ କଟକ ପର୍ଯ୍ୟନ୍ତ ହେଉଥିବା ଚାରିଥାକିଆ ରାସ୍ତା କେବେ ସୁଦ୍ଧା ଶେଷ ହେବ; ବର୍ତ୍ତମାନ କେଉଁ ଠିକାସଂସ୍ଥା ଏହି ରାସ୍ତା ତିଆରି କରୁଅଛି ?

----

## ଔଷଧ ପ୍ରଦାନ

3856 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଏବେ କେତୋଟି ଆୟୁର୍ବେଦିକ ଡ଼ାକ୍ତରଖାନା ରହିଛି; ଏଥିରେ କେତେ ସଂଖ୍ୟାରେ ଡ଼ାକ୍ତର କାର୍ଯ୍ୟରତ ଅଛନ୍ତି; ରାଜ୍ୟ ସରକାର ଆୟୁର୍ବେଦିକ ଡ଼ାକ୍ତରଖାନା ଗୁଡ଼ିକୁ ବାର୍ଷିକ କେତେ ଟଙ୍କାର ଔଷଧ ପ୍ରଦାନ କରୁଛନ୍ତି ?

----

## ଟ୍ରାଫିକ୍ ସମସ୍ୟା ସମାଧାନ

3857 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଝାରସୁଗୁଡା ଟାଉନଠାରେ ରାସ୍ତା ଭିଡ କମାଇବା ପାଇଁ ଏବଂ ଟ୍ରାଫିକ ସମସ୍ୟା ପାଇଁ ବିଭିନ୍ନ ଛକଠାରେ ଟ୍ରାଫିକ ଲାଇଟ ବ୍ୟବସ୍ଥା କରିବେ କି ?

----

## ପୋଲିସ୍ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

3858 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ଗତ 10 ବର୍ଷରେ ସାଧାରଣ ଲୋକଙ୍କ ପ୍ରତି ପୁଲିସ୍ ଅତ୍ୟାଚାର ଅଭିଯୋଗରେ କେତେ ମାମଲା ରୁଜୁ ହୋଇଛି ଓ କେତେ ଜଣ ପୁଲିସ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି, ଏହି ସମୟ ମଧ୍ୟରେ କେତେ ପୁଲିସ୍ କର୍ମଚାରୀ ଭିଜିଲାନ୍ସ ମାଲାରେ ଛନ୍ଦି ହୋଇଛନ୍ତି ଓ ସେମାନଙ୍କର କେତେ ମୂଲ୍ୟର ସମ୍ପତ୍ତି ଠାବ ହୋଇଛି ପୁଲିସ୍ ଜିଲ୍ଲାୱାରୀ ତଥ୍ୟ ଦେବେ କି ?

----

## ନକ୍ସଲ ହିଂସାରେ ମୃତାହତ ସଂଖ୍ୟା

3859 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- 2000 ମସିହାରେ ରାଜ୍ୟର ନକ୍ସଲପ୍ରବଣ ଜିଲ୍ଲା ସଂଖ୍ୟା କେତେ ଥିଲା ଓ ପରେ ତାହା କେତେକୁ ବୃଦ୍ଧି କିମ୍ବା ହ୍ରାସ ପାଇଥିଲା, ଇତିମଧ୍ୟରେ କେଉଁ କେଉଁ ଜିଲ୍ଲାକୁ ନକ୍ସଲମୁକ୍ତ ଘୋଷଣା କରାଯାଇଛି ଓ ନକ୍ସଲ ହିଂସା ମାମଲାରେ ମୃତାହତ ସଂଖ୍ୟା କେତେ କମିଛି ବର୍ଷୱାରୀ ତଥ୍ୟ ଦେବେ କି ?

----

## ସ୍ୱାସ୍ଥ୍ୟ କର୍ମଚାରୀ ପଦବୀ ପୂରଣ

3860 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର ପଶ୍ଚିମ ଓ ଦକ୍ଷିଣାଞ୍ଚଳ ଅନ୍ତର୍ଗତ ଦୁର୍ଗମ ଅଞ୍ଚଳରେ ମୋଟ କେତେ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଛି, ସେସବୁ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ମଞ୍ଜୁରୀପ୍ରାପ୍ତ ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟ କର୍ମଚାରୀ ପଦରୁ କେତେ ଖାଲି ପଡିଛି ଏବଂ କେବେସୁଦ୍ଧା ସେଗୁଡିକ ପୂରଣ ହେବ ?

----

## ଖଣି ଅଞ୍ଚଳରେ ଥିବା ଗ୍ରାମବାସୀଙ୍କ ସମସ୍ୟା

3861 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର ବିଭିନ୍ନ ଖଣି ଅଞ୍ଚଳରୁ ଖଣିଜ ପରିବହନ ହେଉଥିବା ରାସ୍ତାରେ ମାତ୍ରାଧିକ ଖଣିଜ ବୋଝେଇ ଭାରି ଯାନବାହାନ ଚଳାଚଳ ଯୋଗୁ ଖଣି ସଂଲଗ୍ନ ଗ୍ରାମାଞ୍ଚଳରେ ବାସ କରୁଥିବା ଗ୍ରାମବାସୀ ମାନେ ବହୁବିଧ ଅସୁବିଧାର ସମ୍ମୁଖୀନ ହେଉଥିବା ପରିପ୍ରେକ୍ଷୀରେ ଏହାର ପ୍ରତିକାର ପାଇଁ ବିଭାଗର ଦାୟିତ୍ୱ ଓ କର୍ତ୍ତବ୍ୟ କ'ଣ ରହିଛି ତାହା ପ୍ରକାଶ କରିବେ କି, କେଉଁ କେଉଁ ଖଣି ଅଞ୍ଚଳରେ ଖଣିଜ ପରିବହନ ନିମନ୍ତେ ଆବଶ୍ୟକୀୟ କି କି ଭିତ୍ତିଭୂମି ଉପଲବ୍ଧ ଓ ଆବଶ୍ୟକତା ଅନୁଯାୟୀ କ'ଣ ଅଭାବ ରହିଛି ଏ ସଂପର୍କରେ ସର୍ଭେ/ଆକଳନ କରାଯାଇଛି କି, ପୂର୍ତ୍ତ ବିଭାଗ ସହ ସମନ୍ୱୟ ଆହ୍ୱାନ କରି ଖଣି ଅଞ୍ଚଳର ଗ୍ରାମବାସୀଙ୍କ ବହୁବିଧ ସମସ୍ୟାକୁ ଦୂର କରିବା ପାଇଁ ପଦକ୍ଷେପ ନେବେ କି ?

----

## ଜିଏସଟି ଠକେଇ ଅଭିଯୋଗ

3862 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ଅର୍ଥ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜି.ଏସ୍.ଟି ପ୍ରଚଳନ ବର୍ଷରୁ ରାଜ୍ୟରେ ଅଦ୍ୟାବଧି ସମୁଦାୟ କେତେ ଗୋଟି ଜିଏସ୍‌ଟି ଫାଙ୍କିବା ତଥା ଠକେଇ ଅଭିଯୋଗ ହୋଇଛି, ସେଥିମଧ୍ୟରୁ କେତେ ଠକେଇ ଅଭିଯୋଗର ତଦନ୍ତ ସରିଛି କେତେ ବାକି ଅଛି, କେତେ ଅଭିଯୋଗକାରୀଙ୍କୁ ଧରାଯାଇ ରାଜସ୍ୱ/ ଜରିମାନା ବାବଦକୁ କେତେ ଅର୍ଥ ଆଦାୟ ହୋଇଛି, କେତେଗୋଟି ଅଭିଯୋଗ ୧ ବର୍ଷ, ୨ ବର୍ଷ, ୩ ବର୍ଷ, ୪ ବର୍ଷ ଓ ୫ ବର୍ଷରୁ ଉର୍ଦ୍ଧ୍ୱ ବର୍ଷ ଧରି ତଦନ୍ତ ଚାଲୁଅଛି ତାର ମଣ୍ଡଳୀୱାରୀ ବର୍ଷୱାରୀ ବିବରଣୀ ପ୍ରଦାନ କରିବେ କି ?

----

## ଖଣିଜ ପଦାର୍ଥର ଉତ୍ତୋଳନ ମୂଲ୍ୟଯୁକ୍ତ ଉତ୍ପାଦନରେ ବିନିଯୋଗ

3863 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଖଣିଜ କ୍ଷେତ୍ରରୁ ସର୍ବାଧିକ ରାଜସ୍ୱ ମିଳୁଥିବା ବେଳେ ଖଣିଜ ପଦାର୍ଥର ଉତ୍ତୋଳନ ମୂଲ୍ୟଯୁକ୍ତ ଉତ୍ପାଦନରେ ବିନିଯୋଗ ଏବଂ ରାଜ୍ୟରେ କେଉଁ ବର୍ଷ ସୁଦ୍ଧା କି କି ଖଣିଜ କେତେ ପରିମାଣର ଉତ୍ତୋଳନ କରି ଉପଯୋଗ କରାଯିବ, ରାଜ୍ୟ ବାହାରେ ପ୍ରତିଷ୍ଠିତ କାରଖାନ କୁ କେତେ ଯୋଗାଇ ଦିଆଯିବ ଓ ବିଦେଶକୁ କେତେ ରପ୍ତାନୀ କରାଯିବ, ରାଜ୍ୟରେ ପ୍ରତିଷ୍ଠିତ କାରଖାନା ନିମନ୍ତେ କେତେ ବିନିଯୋଗ କରାଯିବ ଏବଂ ଭବିଷ୍ୟତ ପିଢୀ ପାଇଁ କେତେ ସଂରକ୍ଷିତ କରାଯିବ ସେଥିପାଇଁ ଯୋଜନା ପ୍ରସ୍ତୁତି ନକରିବାର କାରଣ କ'ଣ, ସରକାର ବିନା ଦୀର୍ଘମିଆଦୀ ଯୋଜନାରେ ଖଣିଖୋଳି ବିକ୍ରି କରିବା ପାଇଁ ଚିନ୍ତା କରୁଛନ୍ତି କି ?

----

## ନୂତନ ଥାନା ପ୍ରତିଷ୍ଠା

3864 **ଶ୍ରୀ ମନୋହର ରନଧାରୀ (ଡାବୁଗାଁ):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ନବରଙ୍ଗପୁର ଜିଲ୍ଲାରେ କୋଟଗାଁ ଠାରେ ଏକ ନୂତନ ଥାନା ପ୍ରତିଷ୍ଠା କରିବେ କି, ୨୦୧୫-୧୬ ରୁ ୨୦୨୨-୨୩ ପର୍ଯ୍ୟନ୍ତ କେତେ ଜଣ ଯୁବକ ଯୁବତୀ ଓ ମହିଳା ନିଖୋଜ ରହିଛନ୍ତି ଏବଂ ସେଥିପାଇଁ କି କି ପଦକ୍ଷେପ ନିଆଯାଇଅଛି ତାହାର ତାଲିକା ଜିଲ୍ଲାୱାରୀ ପ୍ରଦାନ କରିବେ କି ?

----

## Hospital ନେବା ସମୟରେ ମୃତ୍ୟୁବରଣ କରିଥିବା ମା ଓ ଶିଶୁଙ୍କ ସଂଖ୍ୟା

3865 **ଶ୍ରୀ ମନୋହର ରନଧାରୀ (ଡାବୁଗାଁ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ୨୦୧୫-୧୬ ବର୍ଷ ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ କେତେ ଜଣ ମା ଓ ଶିଶୁ Hospital ନେବା ସମୟରେ ମୃତ୍ୟୁବରଣ କରିଛନ୍ତି ଓ କେତେ ଜଣ ଜନ୍ମ ହୋଇଛନ୍ତି ସେମାନଙ୍କ ମଧ୍ୟରୁ ପୁଅ ଓ ଝିଅ କେତେଜଣ ଅଛନ୍ତି ତାହାର ତାଲିକା ଗାଁୱାରୀ ପ୍ରଦାନ କରିବେ କି ?

----

## Guest House ମାନଙ୍କରେ ରହିବା ସମ୍ପର୍କରେ

3866 **ଶ୍ରୀ ମନୋହର ରନଧାରୀ (ଡାବୁଗାଁ):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- State Guest House ଓ ଅନ୍ୟାନ୍ୟ Guest House ଗୁଡିକରେ MLA ମାନଙ୍କ recommend ରେ ଦିଆଯିବା ବ୍ୟବସ୍ଥା ନାହିଁ କି, ସେଠାରେ କେଉଁ ମାନଙ୍କୁ ଦିଆଯାଉଅଛି ତାହାର ତାଲିକା ୨୦୧୫-୧୬ ଠାରୁ ୨୦୨୨-୨୩ ପର୍ଯ୍ୟନ୍ତ କେଉଁମାନେ ସେଠାରେ ରହୁଥିଲେ ଜଣାଇବେ କି ?

----

## ଋଣ ପରିଶୋଧ ପାଇଁ ଯୋଜନା

3867 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ଅର୍ଥ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବର୍ତ୍ତମାନ ରାଜ୍ୟର ମୁଣ୍ଡପିଛା ଋଣ ଭାର କେତେ, ଏହି ଋଣ ପରିଶୋଧ ପାଇଁ ସରକାରଙ୍କ ଯୋଜନା କଣ ?

----

## ଜାତୀୟ ସ୍ୱାସ୍ଥ୍ୟ ମିଶନର ବିଭିନ୍ନ ଯୋଜନା ପାଇଁ ହୋଇଥିବା ଖର୍ଚ୍ଚ

3868 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ବିଭିନ୍ନ ଯୋଜନା ପାଇଁ ଗତ ୫ ବର୍ଷରେ କେନ୍ଦ୍ରରୁ କେତେ ଖର୍ଚ୍ଚ ହୋଇଛି ଏବଂ ରାଜ୍ୟ ତରଫରୁ କେତେ ଖର୍ଚ୍ଚ ହୋଇଛି ତାହାର ବର୍ଷୱାରୀ ଓ ଯୋଜନାୱାରୀ ତାଲିକା ପ୍ରଦାନ କରିବେ କି ?

----

## ମାଗଣାରେ ଯୋଗାଇ ଦିଆଯାଉଥିବା ଔଷଧ ଓ ଇଞ୍ଜେକସନର ତାଲିକା

3869 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ସରକାରୀ ଡାକ୍ତରଖାନାରେ କେଉଁ କେଉଁ ରୋଗ ପାଇଁ ଏବଂ କେତେ ପ୍ରକାର ଔଷଧ, ଇଞ୍ଜେକସନ ଇତ୍ୟାଦି ମାଗଣାରେ ରୋଗୀଙ୍କୁ ଯୋଗାଇ ଦିଆଯାଉଛି ତାହାର ସମ୍ପୂର୍ଣ୍ଣ ତାଲିକା ପ୍ରଦାନ କରିବେ କି ?

----

## ଅନ୍ତଃନିର୍ଦ୍ଦେଶାଳୟ ବଦଳି ସମ୍ପର୍କରେ

3870 **ଶ୍ରୀ ସୁକାନ୍ତ କୁମାର ନାୟକ (ନିଳଗିରି )ଃ**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ବିଭାଗୀୟ ମୁଖ୍ୟ ଦପ୍ତରମାନଙ୍କରେ ସଂସ୍ଥାପନା ଅଧିକାରୀମାନଙ୍କ କ୍ଷେତ୍ର ଅନ୍ତଃନିର୍ଦ୍ଦେଶାଳୟ ବଦଳି ବ୍ୟବସ୍ଥା ଲାଗୁ ହେବା ଦୁର୍ନୀତି ନିବାରଣ ପାଇଁ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ, କିନ୍ତୁ ସେକ୍ସନ ଅଫିସର ଓ ଆସିଷ୍ଟାଣ୍ଟ ସେକ୍ସନ ଅଫିସରମାନଙ୍କ କ୍ଷେତ୍ରରେ କାହିଁକି ଏପର୍ଯ୍ୟନ୍ତ ଅନ୍ତଃନିର୍ଦ୍ଦେଶାଳୟ ବଦଳି ବ୍ୟବସ୍ଥା ଲାଗୁ ହୋଇନାହିଁ, ଯାହାଫଳରେ ଅସାଧୁ କର୍ମଚାରୀମାନେ ସେମାନଙ୍କ ଚାକିରି ଆରମ୍ଭରୁ ଆଜି ପର୍ଯ୍ୟନ୍ତ ଗୋଟିଏ ଦପ୍ତରରେ କାର୍ଯ୍ୟ କରିବାର ସୁଯୋଗ ପାଇ ଦୁର୍ନୀତିରେ ଲିପ୍ତ ରହୁଛନ୍ତି ?

----

## ପାଣିରେ ବୁଡି ଜୀବନ ହରାଇଥିବା ବ୍ୟକ୍ତିଙ୍କ ସଂଖ୍ୟା

3871 **ଶ୍ରୀ ସୁକାନ୍ତ କୁମାର ନାୟକ (ନିଳଗିରି )ଃ**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- 2016-17 ମସିହାରୁ 2021-22 ମସିହା ପର୍ଯ୍ୟନ୍ତ କେଉଁ ବର୍ଷ, ରାଜ୍ୟର କେଉଁ ଜିଲ୍ଲାରୁ, କେତେଜଣ ପାଣିରେ ବୁଡିଯାଇ ଜୀବନ ହରାଇଛନ୍ତି ?

----

## ପଦବୀ ପୂରଣ

3872 **ଶ୍ରୀମତୀ ମୀନାକ୍ଷୀ ମହାନ୍ତ (ଚମ୍ପୁଆ)ଃ**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ଚମ୍ପୁଆ ନିର୍ବାଚନ ମଣ୍ଡଳୀରେ ଥିବା P.H.C., C.H.C. ଓ Homeopathy ମେଡ଼ିକାଲ ଗୁଡ଼ିକରେ ସରକାରଙ୍କ ଅନୁମୋଦନ କ୍ରମେ ଡ଼ାକ୍ତର ଓ ନର୍ସ posting ଅଛନ୍ତି କି, ଯଦି ନା କେଉଁ P.H.C., C.H.C. ଓ Homeopathy ରେ କି କି post ଖାଲିଅଛି ତାର ଏକ ତାଲିକା ଦେବେ କି; (ଖ) P.H.C., C.H.C. ଓ Homeopathy ଡ଼ାକ୍ତରଖାନା ମାନଙ୍କରେ staff ରହିବା ନିମନ୍ତେ ଆବଶ୍ୟକ Quarter ଅଛି କି ନାହିଁ ତାର ଏକ ବିବରଣୀ ପ୍ରଦାନ କରିବେ କି; ଖାଲି ପଡ଼ିଥିବା post ଓ Quarter (ଆବଶ୍ୟକ) ଗୁଡ଼ାକ ସରକାର କେତେଦିନ ଭିତରେ ପୂରଣ କରିବେ ତାହାର ନିର୍ଦ୍ଦିଷ୍ଟ ସମୟ ସୀମା ବିଷୟରେ ଜଣାଇବେ କି ?

----

## ଡାକ୍ତରଖାନାର ଉନ୍ନତିକରଣ

**3873 ଶ୍ରୀମତୀ ମୀନାକ୍ଷୀ ମହାନ୍ତ (ଚମ୍ପୁଆ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ः- NRHM ଯୋଜନାଦ୍ୱାରା Champua ନିର୍ବାଚନ ମଣ୍ଡଳୀରେ ବିଗତ ତିନି ବର୍ଷରେ କେଉଁ କେଉଁ ଡାକ୍ତରଖାନାର ବିକାଶ ପାଇଁ କି କି ପଦକ୍ଷେପ ଗ୍ରହଣ କରାଯାଇଛି ସରକାର ଜଣାଇବେ କି ?

----

## ମାଲକାନାଗିରି ଜିଲ୍ଲାରେ ହୋଇଥିବା କାର୍ଯ୍ୟ

**3874 ଶ୍ରୀ ଅରବିନ୍ଦ ଢାଲୀ (ଜୟଦେବ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ः- ମାଲକାନାଗିରି ଜିଲ୍ଲାରେ ନିର୍ମାଣ ବିଭାଗଦ୍ୱାରା 2009 ମସିହାଠାରୁ 2022 ମସିହାଯାଏ କଣ କଣ କାର୍ଯ୍ୟ କରାଯାଇଅଛି ତାହା କେଉଁ ପଞ୍ଚାୟତରେ କେତେ ଟଙ୍କାର କାର୍ଯ୍ୟ କହିବେ କି, ଏହାର ଏକ ପଞ୍ଚାୟତୱାରୀ ତାଲିକା ଦିଆଯାଉ ?

----

## ପଦବୀ ପୂରଣ

**3875 ଶ୍ରୀ ଅରବିନ୍ଦ ଢାଲୀ (ଜୟଦେବ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ः- ମାଲକାନାଗିରି ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ କେତେ କର୍ମଚାରୀ ରହିବା କଥା କେତେ କର୍ମଚାରୀ ଅଛନ୍ତି, କେଉଁ କେଉଁ ବିଭାଗରେ କେତେ ପଦବୀ ଖାଲିଅଛି ତାହାର ଏକ ପୂର୍ଣ୍ଣାଙ୍ଗ ବିବରଣୀ ଦିଆଯାଉ ?

----

## ସ୍ୱାସ୍ଥ୍ୟ survey ରେ ଦିଆଯାଇଥିବା ତଥ୍ୟ

**3876 ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ः- ଜାତୀୟ ପରିବାର ସ୍ୱାସ୍ଥ୍ୟ survey ର 5th round report ରେ ଓଡିଶାର ସ୍ୱାସ୍ଥ୍ୟଗତ ଓ ଜନସଂଖ୍ୟାସ୍ଥିତି ସମ୍ପର୍କରେ କେଉଁ ତଥ୍ୟ ଦିଆଯାଇଛି ଓ ତାହା ଉପରେ ରାଜ୍ୟ ସରକାର କି ପଦକ୍ଷେପ ନେଉଛନ୍ତି ?

----

## ଉତ୍ତୋଳନ କରିଥିବା ଖଣିଜ ପଦାର୍ଥ

**3877 ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ः- ରାଜ୍ୟ ଖଣି ନିଗମ ୨୦୧୦-୨୦୧୧ ମସିହାରୁ ଏ ଯାଏଁ ପ୍ରତିବର୍ଷ କେତେ ପରିମାଣର କେଉଁ ଖଣିଜ ପଦାର୍ଥ ଉତ୍ତୋଳନ, ବିକ୍ରି ଓ ରପ୍ତାନୀ କରିଛି ଏବଂ ଏହି ସମୟରେ ପ୍ରତିବର୍ଷ କେତେ କାରବାର ବା ଲାଭ-କ୍ଷତି କରିଛି ?

----

## Blood Separation Unitକୁ କାର୍ଯ୍ୟକ୍ଷମ କରିବାକୁ ପଦକ୍ଷେପ

3878 **ଶ୍ରୀ ଦେବେଶ ଆଚାର୍ଯ୍ୟ (ବରଗଡ଼):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବରଗଡ଼ ପୁରୁଣା ମୁଖ୍ୟ ଜିଲ୍ଲା ଚିକିତ୍ସାଳୟରେ ସ୍ଥାପିତ Blood Separation Unit କେଉଁ କାରଣ ଯୋଗୁଁ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକ୍ଷମ ହୋଇ ନାହିଁ ଏହା କେବେ ସୁଦ୍ଧା କାର୍ଯ୍ୟକାରୀ ହେବ ?

----

## ଠିକା କର୍ମଚାରୀଙ୍କ ନିଯୁକ୍ତି ସମ୍ପର୍କରେ

3879 **ଶ୍ରୀ ଦେବେଶ ଆଚାର୍ଯ୍ୟ (ବରଗଡ଼):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବରଗଡ଼ର ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କେତେ ପ୍ରକାରର ଏବଂ କି କି ପଦବୀରେ Out Sourcing ମାଧ୍ୟମରେ ଠିକା କର୍ମଚାରୀ ନିଯୁକ୍ତି କରାଯାଇଅଛି; ଏହି ଠିକା କେବେ ଓ କେଉଁ ଆଧାରରେ ଚୟନ କରାଯାଇଥିଲା ଏହାର ଅବଧି କେତେ; ଏହି ଠିକା କର୍ମଚାରୀ ନିଯୁକ୍ତି ସମୟରେ ବ୍ୟାପକ ଅର୍ଥ କାରବାର କରାଯାଇ ବେକାର ଯୁବକଯୁବତୀଙ୍କଠାରୁ ବେଆଇନ ଅର୍ଥ ଆଦାୟ କରାଯାଇଥିବାର ଅଭିଯୋଗ କଲେ ମଧ୍ୟ କାହିଁକି ଉକ୍ତ ଠିକା ସଂସ୍ଥାମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ?

----

## ଛାତ୍ରଙ୍କ ପତ୍ତା ନମିଳିବା

3881 **ଶ୍ରୀ ସନ୍ତୋଷ ସିଂହ ସାଲୁଜା (କଣ୍ଟାବାଞ୍ଜି):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- (କ) ବଙ୍ଗୋମୁଣ୍ଡା ଥାନା ଅନ୍ତର୍ଗତ ଖଇରା ଗ୍ରାମର ଆକାଶ ରଣା ପିଃମୋହନ ରଣା ୨୬.୬.୨୨ ଜୟ ମାତାଜି ବସ ଦ୍ୱାରା ଗଣେଶ ସାଇନ୍ସ କଲେଜ ଅନ୍ଧାରୁଆ ଭୁବନେଶ୍ୱରକୁ ପାଠ ପଢ଼ିବା ପାଇଁ ତା.୨୭.୬.୨୨ ସକାଳେ ୬ ବଜେ ଭୁବନେଶ୍ୱର ପହଞ୍ଚିଥିଲେ ଏବଂ ସେହି ସମୟରୁ ସେ ଅବକ୍ଷଣ୍ଡ ଅଛନ୍ତି ଏବଂ ଏ ବାବଦରେ ଗୋଟିଏ ମିସିଙ୍ଗ ରିପୋର୍ଟ ଖଣ୍ଡଗିରି ଥାନାରେ ୨୭.୬.୨୨ରେ କରାଯାଇଅଛି କିନ୍ତୁ ଆଜି ପର୍ଯ୍ୟନ୍ତ ଖଣ୍ଡଗିରି ଥାନା ତାର ପତ୍ତା ନ ଲଗାଇବାର କାରଣ କଣ ; (ଖ) ଖଣ୍ଡଗିରି ଥାନା ଶୀଘ୍ରରୁ ଶୀଘ୍ର ଆକାଶ ରଣା ପ୍ଲସ ୨ ସାଇନ୍ସ ଛାତ୍ରକୁ ଖୋଜିବେ କି ?

----

## ପ୍ରକଳ୍ପକୁ ଦିଆଯାଇଥିବା ଅନୁମୋଦନ

3882 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ କେତେ ବ୍ୟୟ ଅଟକଳରେ କି କି କାର୍ଯ୍ୟ ସମ୍ପାଦନ ନିମନ୍ତେ ପ୍ରକଳ୍ପକୁ କେବେ ଅନୁମୋଦନ ଦିଆଯାଇଛି; ସମ୍ପୃକ୍ତ ପ୍ରକଳ୍ପର ବ୍ୟୟ ଅଟକଳ, ଡ଼ିଜାଇନ, ନକ୍ସା କେଉଁ ସଂସ୍ଥା ଦ୍ୱାରା କେବେ ପ୍ରସ୍ତୁତି କରାଯାଇଥିଲା ଓ ପ୍ରକଳ୍ପ କାର୍ଯ୍ୟ କେବେ ଆରମ୍ଭ କରାଯାଇ କେବେ ସମ୍ପୂର୍ଣ୍ଣ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା ; ପରିକ୍ରମା ପ୍ରକଳ୍ପର କି କି କାର୍ଯ୍ୟ ନିଷିଦ୍ଧାଞ୍ଚଳରେ ନିର୍ମାଣ କରାଯାଉଛି ଏବଂ ନିର୍ମାଣ ନିମନ୍ତେ ଖନନ କାର୍ଯ୍ୟ ଯୋଗୁଁ ଶ୍ରୀମନ୍ଦିର ପ୍ରତି ବିପଦ ଅଛି କି ନାହିଁ ଏ ସମ୍ପର୍କରେ ଅନୁଧ୍ୟାନ ନିମନ୍ତେ କେଉଁ ବୈଷୟିକ ବିଶେଷଜ୍ଞ କେବେ ନିୟୋଜିତ କରାଯାଇଥିଲା ; (ଖ) ଶ୍ରୀମନ୍ଦିର ଚର୍ତୁପାର୍ଶ୍ୱରେ ଜିପିଆରଏସ ସର୍ଭେ ନିମନ୍ତେ କେବେ କେଉଁ ବୈଷୟିକ ସଂସ୍ଥା ଦ୍ୱାରା କି କି ସର୍ତ୍ତ ଆଧାରରେ ନିୟୋଜତ କରାଯାଇଛି ଓ ସମ୍ପୃକ୍ତ ସର୍ଭେରୁ କଣ ନିର୍ଯ୍ୟାସ ମିଳିଛ ତାହା ପ୍ରକାଶ କରିବେ କି ?

----

## License ଅବଧି ବୃଦ୍ଧି

3883 **ଶ୍ରୀ ଦାସରଥୀ ଗମାଙ୍ଗ (ମୋହନା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ଯୋଡ଼ା ମାଇନିଂ ସର୍କଲ ଅଫିସରେ 2009 ଠାରୁ 2012 ମଧ୍ୟରେ କେଉଁମାନେ D.D.M. ପଦବୀରେ କାର୍ଯ୍ୟ କରୁଥିଲେ ସେମାନଙ୍କର Incombancy Chart ଟିକୁ କରିବେ କି; (ଖ) License No-77048/Mines dtd.18.12.18 letter no 48543/ Mines dtd. 24.10 . 2009 ଦ୍ୱାରା କେଉଁ କାରଣରୁ ଅଚଳ କରାଯାଇଥିଲା ଏବଂ D.D.M. ଯୋଡ଼ାଙ୍କ ପତ୍ର ସଂଖ୍ୟା - 313/ Mines , dtd, 24.10.09 ରେ invalid କରିଥିବା ସ୍ଥଳେ ରାଜ୍ୟର କେଉଁ ସ୍ୱାର୍ଥ ତଥା ହିତ ଦୃଷ୍ଟିରୁ ବିନା Suspension Order ପ୍ରତ୍ୟାହାର କରି ପୁନର୍ବାର License କୁ 2 ବର୍ଷ ପାଇଁ କେଉଁ ଅଧିକାରୀ ବର୍ଦ୍ଧିତ ପାଇଁ ଆଦେଶ ପ୍ରଦାନ କରିଥିଲେ ସେ ସମ୍ପର୍କିତ ତଥ୍ୟ ମାନ୍ୟବର ମନ୍ତ୍ରୀ ଗୃହରେ ପ୍ରଦାନ କରିବେ କି?

----

## ଅଧିକାରୀଙ୍କ ବଦଳି ସମ୍ପର୍କରେ

3884 **ଶ୍ରୀ ଗଣେଶ ରାମ୍ ସିଂ ଖୁଣ୍ଟିଆ (ଯଶୀପୁର):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ନୟାଗଡ଼ ଜିଲ୍ଲାରେ ବର୍ତ୍ତମାନ ବିଭିନ୍ନ ଥାନାରେ 15 ବର୍ଷରୁ ଊର୍ଦ୍ଧ ହେଲାଣି ଯେଉଁମାନେ ଚାକିରୀ କରୁଛନ୍ତି ସେମାନଙ୍କୁ ଅନ୍ୟ ଜିଲ୍ଲାକୁ ବଦଳି ହେଲେ ମଧ୍ୟ ସେମାନେ ସରକାରଙ୍କ କେଉଁ ନିୟମବଳରେ ପୁନର୍ବାର ଉକ୍ତ ଜିଲ୍ଲାରେ ଚାକିରୀ କରୁଛନ୍ତି, ତେଣୁ ଦଣ୍ଡ ସ୍ୱରୂପ ଉକ୍ତ ଅଧିକାରୀମାନଙ୍କୁ ତୁରନ୍ତ ଅନ୍ୟ ଜିଲ୍ଲାକୁ ବଦଳି ପାଇଁ ପଦକ୍ଷେପ ନେବେ କି ?

----

## Sofa Factory ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

3885 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ଅର୍ଥ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଅବଧି କେତେ ଗୋଟି "Sofa Factory " କାର୍ଯ୍ୟ କରୁଛି, ସେଇ Factory ମାନେ ସରକାରଙ୍କୁ ରିତିମତ ଭାବରେ Sales Tax/ Income Tax/ GST ଠକୁଥିବା ସରକାର ଜାଣିଛନ୍ତି କି; (ଖ) ଏ ସବୁକୁ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରି ଉକ୍ତ Sofa Factory ଗୁଡ଼ିକୁ ବେନିୟମ ଦର୍ଶାଇ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ କି ?

----

## ଭାବ୍ୟ ଇସ୍ପାତ କାରଖାନାର ସ୍ଥିତି

3886 **ଶ୍ରୀ କେ ନାରାୟଣ ରାଓ (ପାରଳାଖେମୁଣ୍ଡି):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ଗତ ୫ ବର୍ଷ ସରକାର ଇସ୍ପାତ ଶିଳ୍ପ ପାଇଁ କେଉଁ ଶିଳ୍ପପତିଙ୍କ ସହ M.O.U. କରିଛନ୍ତି, ଉକ୍ତ କାରଖାନା କେଉଁ ଅଞ୍ଚଳରେ ପ୍ରତିଷ୍ଠିତ ହେବ , (ଖ) ଆମ ରାଜ୍ୟରେ ଗତ ଦୁଇ ବର୍ଷ କେଉଁ ଇସ୍ପାତ କାରଖାନାରେ କେତେ ପରିମାଣର ଉତ୍ପାଦନ ହୋଇଛି, ସରକାର କେତେ ରୟାଲିଟି ପାଇଛନ୍ତି, ରାଜ୍ୟର ମୋଟ ଇସ୍ପାତ କାରଖାନା ସଂଖ୍ୟା ଏବଂ ତାର ଅବସ୍ଥିତି କଣ ଜଣାଇବେ କି ?

----

## ନର୍ସ ମାନଙ୍କ ବଦଳି

3887 **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ):**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଗାଁ ଗହଳିରେ ଥିବା ନର୍ସ ମାନଙ୍କ କ୍ୱାଟରକୁ ରାତିରେ ଅସାମାଜିକ ବ୍ୟକ୍ତି ଟେକା ମାରିବା, କବାଟ ବାଡେଇବା, ଅଶୀଳ ଭାଷାରେ ଗାଳିଗୁଲଜ କରିବା ଇତ୍ୟାଦିରେ ହଇରାଣ ହେଉଛନ୍ତି କି, ବହୁ ବର୍ଷ ଧରି ଗୋଟିଏ ଜାଗାରେ ନିଯୁକ୍ତି ଏହାର କାରଣ ଅଟେ କି, ଯେଉଁ ନର୍ସ ମାନେ ଅସୁବିଧା ଦର୍ଶାଇ ବଦଳି ପାଇଁ ଆବେଦନ କରିଛନ୍ତି ତା ଉପରେ ସରକାର କଣ ପଦକ୍ଷେପ ନେଉଛନ୍ତି ଜଣାଇବେ କି ?

----

## Filling up vacant post of the Associate Professor and Professors

3888 **Shri. Jayanta Kumar Sarangi (Puri):**

Will the Minister for **Health and Family Welfare** be pleased to state that:-:- Posts of Associate Professor and Professors in many departments in various Medical Colleges are lying vacant, Govt has notified for promotion by DPC by notification no HFW MEIMISC 0019 2022- 12207 DATED 2/6/2022, The progression of that said DPC and the filling up of the posts at an early date for both patient care and NMC criteria fulfilment, Several departments in various Medical Colleges are facing acute shortage of faculties in different positions creating overload on existing staff positions and hospital resources which may cause dislocation in service provided to the poor patients of Odisha, will govt.

consider to fill up the same ?

----

## ସୁନ୍ଦରପଦା OEC ରାସ୍ତା ଉନ୍ନତିକରଣ

3889 **ଶ୍ରୀ ଦାସରଥୀ ଗମାଙ୍ଗ (ମୋହନା):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସୁନ୍ଦରପଦା ଠାରୁ OEC ରାସ୍ତା ଦେଇ ଜଟଣୀ ହରିରାଜପୁର ପର୍ଯ୍ୟନ୍ତ ତଥା ପିପିଲି ପର୍ଯ୍ୟନ୍ତ ରାସ୍ତାଟି ଅତ୍ୟନ୍ତ କଦର୍ଯ୍ୟ ଅବସ୍ଥାରେ ପଡିରହିଥିବା ସରକାରଙ୍କର ନଜିରରେ ଅଛି କି, ଉତ୍ତର ହଁ ହେଲେ ଜନସାଧାରଣଙ୍କର ଗମନାଗମନ ସୁବିଧା ପାଇଁ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରିବେ କି, ଯଦି କରିବେ ତେବେ କେତେ ଦିନ ମଧ୍ୟରେ ଏହା ସମ୍ପୂର୍ଣ୍ଣ ହେବ ସେ ସମ୍ପର୍କିତ ବାସ୍ତବ ତଥ୍ୟ ପ୍ରଦାନ କରିବେ କି ?

----

## ରାସ୍ତା ମରାମତି

3890 **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ଅଧିନରେ ବଅଁରପାଳ ବ୍ଲକ ଅନ୍ତର୍ଗତ ବଡକେରଡାଙ୍ଗ (10/700) ଠାରୁ ଟୁକୁଡା (20/100) ଥିବା ପୂର୍ତ୍ତ ବିଭାଗର ଅଧିନରେ ଅଛି ବର୍ତ୍ତମାନ ସୁଦ୍ଧା ରାସ୍ତାର କୌଣସି ମରାମତି ହୋଇ ନାହିଁ ୨୦୨୨-୨୩ ପାଇଁ ଏହି ରାସ୍ତାକୁ କେତେ କୋଟି ଟଙ୍କା ମଞ୍ଜୁର ହୋଇଅଛି ଓ କେଉଁ ଠିକାଦାରକୁ ଅନୁମତି ମିଳିଛି ଜଣାଇବେ କି ?

----

## ମହିଳା କର୍ମଚାରୀଙ୍କ ବିରୋଧରେ ଭିଜିଲାନ୍ସ ମାମଲା

3891 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- ମହିଳା ଓ ଶିଶୁ ବିକାଶ ବିଭାଗ ସମେତ ଅନ୍ୟାନ୍ୟ ସରକାରୀ ବିଭାଗର କେତେ ମହିଳା କର୍ମଚାରୀଙ୍କ ବିରୋଧରେ ଭିଜିଲାନ୍ସ ମାମଲା ରୁଜୁ ହୋଇଛି, ଚଢାଉ ବେଳେ ସେମାନଙ୍କର କେତେ ମୂଲ୍ୟର ସମ୍ପତ୍ତି ଠାବ କରାଯାଇଛି, ଗତ ୫ ବର୍ଷର ତଥ୍ୟ ଦେବେ କି ?

----

## ଗଞ୍ଜାମ ସହର ସମ୍ପୂର୍ଣ୍ଣ ବନ୍ଦ ପାଳନ ହେବା ସମ୍ପର୍କରେ

3892 **ଶ୍ରୀ ସୁକାନ୍ତ କୁମାର ନାୟକ (ନିଳଗିରି ):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:- (କ) ଗତ ୧୨ ତାରିଖ (ଜୁଲାଇ) ଦିନ ଗଞ୍ଜାମ ସହର ସମ୍ପୂର୍ଣ୍ଣ ବନ୍ଦ ପାଳନ ହୋଇଥିବା ଜାଣନ୍ତି କି, ତାର କାରଣ କଣ ଥିଲା, (ଖ) ସମସ୍ତ ବିରୋଧି ଦଳ, ନାଗରିକ କମିଟି, ଓକିଲ ସଂଘ ମିଳିତ ଭାବେ ଜିଲ୍ଲା ପ୍ରଶାସନକୁ ଗଂଜାର ତହସିଲଦାରଙ୍କ ଦୁର୍ନିତୀ, ଅଭଦ୍ରଭାଷା ପ୍ରୟୋଗ, ଲୋକଙ୍କୁ ଚାପଡା ମାରିବା ଦାବଙ୍ଗଗିରି ବିରୁଦ୍ଧରେ ଜଣାଇଥିଲେ ମଧ୍ୟ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି, ବାଲି ମାଫିଆଙ୍କ ସହ ଥିବା ସମ୍ପର୍କରେ ଏକ ତଦନ୍ତ କରିବେ କି ?

----

## ଆଉଟ୍ ସୋର୍ସିଂ ନିଯୁକ୍ତି

୩୮୯୩ **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ମୁଖ୍ୟ ମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ସରକାରୀ ଦପ୍ତରରେ ଠିକାଭିତ୍ତିରେ କିମ୍ବା ଆଉଟସୋର୍ସିଂ ମାଧ୍ୟମରେ ଡାଟାଏଣ୍ଟ୍ରି ଅପରେଟରଙ୍କୁ ନିଯୁକ୍ତି ନଦେବା ପାଇଁ ସମ୍ପ୍ରତି ନିଷତ୍ତି ନେବାର ପ୍ରମୁଖ କାରଣ କ'ଣ, ସରକାରୀ ତଥ୍ୟର ସୁରକ୍ଷା ତଥା ଗୋପନୀୟତା ରକ୍ଷା ନିମନ୍ତେ ଏଭଳି ନିଷ୍ପତ୍ତି ନିଆଯାଇଛି କି, ରାଜ୍ୟରେ ସମୁଦାୟ କେତେ ସଂଖ୍ୟକ ଡାଟାଏଣ୍ଟ୍ରି ଅପରେଟର କେଉଁ କେଉଁ ବିଭାଗରେ ଠିକାଭିତ୍ତିରେ ଓ ଆଉଟସୋର୍ସିଂ ମାଧ୍ୟମରେ ନିଯୁକ୍ତି ପାଇଛନ୍ତି, ସେମାନଙ୍କ ମଧ୍ୟରୁ ୬ ବର୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟ କରିଥିବା କର୍ମଚାରୀଙ୍କ ସଂଖ୍ୟା କେତେ, ବିଭିନ୍ନ ବିଭାଗରେ ନିୟୋଜିତ ହୋଇ ଠିକାଭିତ୍ତିରେ କାର୍ଯ୍ୟ କରୁଥିବା ଏବଂ ଆଉଟସୋର୍ସିଂ ମାଧ୍ୟମରେ ନିଯୁକ୍ତ କର୍ମଚାରୀଙ୍କ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ସରକାର କି ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି ତାହା ପ୍ରକାଶ କରିବେ କି ?

----